

# ଜାରଜ

ଲେଖକ

ଅବନୀ କୁମାର ଭସଲ ଏମ୍. ଏ

ପ୍ରକାଶକ

ଆଧୁନିକ ପ୍ରକାଶନୀ

କଟକ-୧

ମୂଲ୍ୟ ଛସ୍ଥାନରେ ନୂଆ ପଇସା

ଅରୁଣ ପ୍ରେସ
କଟକ-୨

ପ୍ରଥମ ମୁଦ୍ରଣ
ଦୁଇ ହଜାର

# ଉତ୍ସର୍ଗ

ଭରସା ଦେଇ ଯେଉଁମାନେ କହିବେ ତାଙ୍କର
ଉଦ୍ଦେଶ୍ୟରେ ଉତ୍ସର୍ଗ କଲି । ଏକଥା
ନ ଜଣାଇଲେ ବି ସେଇମାନେ ହିଁ,
ବହି'ର ଦାବିଦାର

ଅ, ଲୁ. କ.

# ସୂଚୀ


| | |
|---|---|
| ବାପ ପୁଅ | ୧ — ୧୨ |
| ଅଦମ୍ ଆଉ ଇଭ୍ | ୧୨ — ୧୭ |
| ଏମାନେ ବଞ୍ଚିଛନ୍ତି | ୧୮ — ୩୪ |
| ଜାରଜ | ୩୪ — ୪୫ |
| ବିଶ୍ଳେଷଣ | ୪୫—୫୭ |
| ନୂଆ ଅଉ ପୁରୁଣା | ୫୭—୬୪ |

# ସଙ୍ଘେଇ

ସାଧାରଣ ଗଳ୍ପବହିରେ ଯେମିତି କେତେଗୁଡ଼ିଏ ଗଳ୍ପ ଏକାଠି ଯାଇଥାଏ, ଏଥିରେ ତାହାହିଁ ହୋଇଛି । ଭିନ୍ନ ଭିନ୍ନ ...ରେ ଅଲଗା ଅଲଗା ପରିବେଶ ଭିତରୁ ବେଳେ ବେଳେ ...ଟାଏ ଗୋଟାଏ କଥା ମନରେ ଦାନା ବାନ୍ଧିଥାଏ । ...ଇ ସବୁ ଏକାଠିକର ପତ୍ରିକାରେ ଛପା ଯାଇଥିଲା—ଏଇଟି, ...ସବୁ ଗଳ୍ପଗୁଡିକର ସମାହାର । ତେଣୁ ସବୁ ଗଳ୍ପରେ କୌଣସି ...ଷ୍ଟ ପରିବେଶ, ନିର୍ଦ୍ଦିଷ୍ଟ ଘଟଣା ବା ନିର୍ଦ୍ଦିଷ୍ଟ ଚରିତ୍ରଙ୍କ ...ପଣ ଗୁନ୍ଥାହୋଇନି । ପ୍ରତ୍ୟେକଟି ଅଲଗା ।

ତେବେ ଗୋଟିଏ ଜିନିଷ, ଏସବୁକୁ ଏକତ୍ରିତ ହେବାପାଇଁ ...ଗାଇନେଇଛି । ତାହାହେଉଛି ଜୀବନ ଓ ଜୀବନ ପ୍ରତି ...ମୁଖ୍ୟ । ଜୀବନ, ଯେତେବେଳେ, ଯେପରିଭାବରେ, ଯେଉଁ ...ନେଇଛି, ତାହାହିଁ, ନିର୍ଭୁଲ ଭାବରେ, ଖିନ୍‌ଭିନ୍ କରି ଦେଖା- ...ର ପ୍ରଚେଷ୍ଟା ଏଥିରେ ହୋଇଛି । କେତେବେଳେ ତାହା ...ଣର, ପୁଣି ଅନିଶ୍ଚିତ ଅଙ୍କାଙ୍କୁଳ, କେତେବେଳେ, ଦ୍ୱିଧା ଗ୍ରସ୍ତ, କେତେବେଳେ ପୁଣି ନିଶ୍ଚିତ ସଫଳତାରେ ଆତ୍ମହରା । ଗୋଟିଏ ଜିନିଷ, ଆମେ ଯେଉଁ ସମାଜରେ ବଂଚୁଥାଉଁ, ତାର ...ତୋଟି ସ୍ୱମତବିରୋଧୀ ନଗ୍ନରୂପ । କିନ୍ତୁ ପ୍ରତ୍ୟେକ ଘଟଣା- ...ରେ ଗୋଟିଏ ଜିନିଷଥାଏ, ତାହା ହେଉଛି ମଣିଷର କରିବାର 'ଅଦମ୍ୟ' ଆକାଂକ୍ଷା, "ସଂଯୋଗ" ପାଇଁ ଆଗ୍ରହ ଓ ଗାଇବା ପାଇଁ ଦୃଢ଼ ପଦକ୍ଷେପ । ସବୁଠୁ ବଡକଥା ହେଲା ...ଭିତରେ ମାନବିକତା, ଛଳନାର ସାଗର ଭିତରେ, ଅସତ୍ୟର ...ର ଭିତରେ, ସ୍ଖଳନାର ଖସଡ଼ା ପଥରେ. ଅନାଗତର ଅଗଣନ ...ଙ୍ଗ ଭିତରେ ମଣିଷ ଚୁଟିହିଁ, ସତ, ଶିବ ଓ ସୁନ୍ଦରକୁ ।

ଆଶା ମନରେ ଧରି ଆଗାଏ—ବଢେ । ମଣିଷର ଶତ୍ରୁ ଅପରମ୍
ଅପରିସୀମ ।

ଜୀବନର ସ୍ତରସ୍ତରରେ ସଫା, ଅଳିଆ, ଭଲ—ମନ୍ଦ ହେ
ଢ଼ସମର ଗ୍ଲାବ ମିଳନ୍ତି । ତାଙ୍କୁ ଅମେ ଦେଖୁ । ତାଙ୍କରଭିତ
କଂଟୁ । ସେମାନେ ଶରକ୍ରମ, ଖାଲି ଅଳିଆ ଆଣିକ ଅଖିପଦେଇ
ଗଣ୍ଠେଇଚ ସିନା, ଗଣ୍ଠା ସଫା ହେବନି । ଅଳିଆ ଗାଣ୍ଠିରା
ଅଳିଅ ଓଟେଲଇ ନଗା, ଏକଜାଥା ନଦେଉ । ପ ଚେଷ୍ଟାକ
ସଫାକରିବାକୁ । ଗାଣ୍ଠିଣୀର ଠୋଡ ଟୋକ ନାହିଁ ।

ଯାହା ସୁନ୍ଦରୀ, ଉଦାସ, ଠୋଚରି, ସେ ସବୁ ଜୁଟେଇଛି
ଏ ଉରସ୍ତା ମୋର ଅଛି । ତେଣୁ "ଛାଚକ" ବୋଲି ଯେଉଁମା
ଅନ୍ୟାଗଣଙ୍କ ଆଖ୍ୟା ଦଅନ୍ତି, ସେମାନଙ୍କ ଛାଚକ—ସଭଂ
ସୂକ୍ଷ୍ମ ଓଟାଳି କହିବାରେ ଛଡ଼ ନାହିଁ । ମୁଁ ତାହାହିଁ କରୁ
କହୁଚି ଓ କହିବି ।

ମୋର ସମସ୍ତ ବନ୍ଧୁ, ହିତାକାଂକ୍ଷୀ ଓ ସାହାଯ୍ୟକାର
ଅନ୍ତରର ଶ୍ରଦ୍ଧାଞ୍ଜଳି ।

ଯେଉଁ ସବୁ ପତ୍ରପତ୍ରିକା, ତାର କାଗଜମାନଙ୍କରେ
ଗପଗୁଡ଼ିକୁ ସ୍ଥାନଦେଇ, ସେଗୁଡ଼ିକୁ ପ୍ରଥମରେ ସାହାଯ୍ୟ କରି
ଓ ତାର ପତ୍ରିକାର କେତେକ ପୃଷ୍ଠା ମୋ ପାଇଁ ନଷ୍ଟକରିଛନ୍ତି
ମୋର ଅଶେଷ ଧନ୍ୟବାଦ ।

ବାକୀସବୁ ପାଠକଙ୍କ ଉପରେ । ତେଣୁ ରହିଲି ।

ନମସ୍କାର

କଟକ } ଶ୍ରୀ ଅଜନା କୁମାର ଦ

ତା ୨୦ । ୯ । ୫୮ ଇଖ } ଉଗର ପ୍ରଭା

## ବାଟ ପୁଅ

ମେଞ୍ଚା ମେଞ୍ଚା କହ୍ଲୁ ଅଲ୍ଅ ନେସି ହୋଇ ଛୋଟ ଛୋଟ ପାହାଡ଼ ମୁଣ୍ଡିଆ ସବୁ ଦେଖା ଯାଉଚନ୍ତି, ବଡ ବଡ଼ ଗାଈଁଗୋଡ଼ା ଭଳି। ପାହାଡ଼ ତଳକୁ ନମ୍ବି ଯାଇଚି ଧାନ କ୍ଷେତ, ବାଦାମ କ୍ଷେତ, କେତେ କଣ। ଠାଏ ଠାଏ ଜଗିବା ପାଇଁ ମଞ୍ଚା ହୋଇଚି—ସେଇଠୁ ସବୁ ଜୁଳୁ ଜୁଳୁ ହୋଇ ଜୁଳୁ ଜୁଳିଆ ସେପଟ ଭଳିଆ ଲଢ଼ ପିକା ଶିଆ ଦେଖା ଯାଉଚି। କୁକୁର ଭାଳିର ହୋଇ ଠାଏ ଠାଏ ଜଣେ ଲେଖାଏଁ ମଞ୍ଚା ଉପରେ ବସିଚନ୍ତି, ଭାଲୁ, ବାରହା ଜଗିବା ପାଇଁ। ବେଳେ ଚ୍ଛବେଳେ ଉଚ୍ଚେଇ ବି ହୁଏ—କହ୍ଲୁ ଅଲ୍ଅ ପଣ, ନଦଡ଼ା ଭିଗୁଥିବା ଧାନଗଛ ଉପରେ ପଡ଼ିଥିବା କାକର ଗୁଡ଼ାକ ଝଲମଲ କରି ଉଠୁଛି। କଣ୍ଟା ବାଉଁଶ ବୁଦା କେଁ କେଁ କରି ଭାସି ଆସୁଚି ପବନରେ। କୋଉ ମଞ୍ଚାରୁ କଣେ କଣେ କଏ ଗୀତଟାଏ ଛାଡ଼ି ଦେଉଚନ୍ତି—ପବନ ଉଲ୍କାଏ ଆସି କାଲୁଅ କରି ଦେଇ ଗୀତକୁ ଗ୍ରୁଏଁ ଗ୍ରୁଏଁ ବନ୍ଦ ହେବାକୁ ବାଧ୍ୟ କରୁଚି।

ନେଡ଼ା ଗାଁ ମୁଣ୍ଡରୁ ପଶିଲା ଜଙ୍ଗଲ ଭିତରେ ଏଥର । ପନ୍ଦର ଷୋହଳଟା ମଂଗୁ ପାର ହୋଇ ଗଲେ, ଭଟିଅର ଛଞ୍ଚାଟା ପିଣ୍ଡିବ । ଡଂଶାଟାରେ ଘାସ, ଛରକାଣ୍ଠି ଆଉ ଚେମଣ୍ଡାଏ ଶାଗ ଗୋଟାଏ ଗାମୁଛାରେ ବାନ୍ଧି ହାତରେ ଓହଳେଇଚି ସିଏ । ଜହ୍ନ ଆଲୁଅ ଫିକା ଝୁଙ୍କା ଗୁଡ଼ା ଦେଖା ଯାଉଥିଲେ ବି, ନେଡ଼ାର ଜବାନ ଛାତିଟା ଭୟରେ କେମିତି ଦମି ଯାଉଥିଲା ବେଳେ ବେଳେ । ବେଳେ-ବେଳେ କେଉଁ କଥା ଅଛି । ରାତିରେ ଏକୁଟିଆ ପାଇଲେ, ଭୂଅଣ୍ଡେ ଭୂତ ଭୂଆଁ ବୁଲନ୍ତି ଜଙ୍ଗଲରେ । ହଠାତରେ ଯଢ଼...ଝୁଲା ଉପରୁ କଣ ଗୋଟାଏ ଖସିକିନା ଗଳିଗଲା ଜଙ୍ଗଲ ଭିତରକୁ, ନଣ୍ଡାଏ ଛେପ ଛାତି ଉପରେ ପକେଇ ମା କନକେଇଙ୍କୁ ସୁମରଣା କରି ନେଡ଼ା ଡାକିଲା, ଭଟିଅ.. ଆ...ଅ...। ଶବ୍ଦଟା ନିଜେ ଗୋଟାଏ ପ୍ରତିଧ୍ୱନି କଲା । ସତେ କି ସିଅଡ଼ୁ କିଏ ଜଣେ ପ୍ରତି ଉତ୍ତର ଦେଲା । ନେଡ଼ା ଏଥର ନିଜ ଡାକର ପ୍ରତିଧ୍ୱନିରେ ଅଶ୍ୱସ୍ତ ହେଲା । ଖଲି ଦହରେ ଏଥର କସ୍ତୁରି କାଣ୍ଡଟାକୁ ଜୋରରେ ଭିଡ଼ିଆଣିଲା ସେ । ନିଜ ଛାତିଟା ଏତେ ଜୋରା ଦେଖା ଗଲା ଯେ, ସେଇଅଡ଼େ ଦନ୍ତେ ରୁହ୍ନି ରୁହ୍ନି ରୁଳିଲା ନେଡ଼ା, ସେ ଜାଡ଼ ଶୀତ କାକରୁଆ ରାତିଟାରେ । ଏଥର ହଠାତରେ ସେଅଡ଼ୁ ଡାକ ଆସିଲା—'ନେଡ଼ା କଲୋ—ଓ—ଓ—ଓ ।' ନିଜ ଅଜାଣତରେ ନେଡ଼ା ପାଟିରୁ ବାହାରିଲା 'ଓ ଓ ଓ' । ପୁଣି କିଛି ସମୟ ନୀରବରେ ନେଡ଼ା ଚାଲିଲା ଗୁଡ଼ାଏ ଅଡୁଆ ଉଡ଼ୁଆ କଥା ଭାବି । ଦୁଇଟା କଥା ଭାବି ଭାବି । ଦୁଇଟା ମଂଗୁ ପାର ହେଲେଣି ନେଡ଼ା । ଗୋଟାଏ ମଞ୍ଚାରୁ ଆଉ ଗୋଟାଏ ମଂଗୁ ଖୁବ୍ କମରେ ପାଏ କି ଅଧପାଏ ବାଟ ହବ ।

ତୃତୀୟ ମଂଗୁରେ ଜଗୁଆ ବାଡ଼ି ଲଗେଇ ଲଗେଇ ଶୁଣିଲା ନେଡ଼ାର ଗେଲବସିଆ 'ଓ...ଓ ...ଓ' ଡାକ । ମଂଗୁରୁ ଓହ୍ଲେଇ

ପଡ଼ିଲା ସିଏ, ଦପ୍ତର ବାବୁଙ୍କଠୁ ମିଳିଥିବା ଲାଳଦାନ୍ତ ଗୁଡ଼ାକ ଖଣ୍ଡିକ ଭିତରେ ଡେଇଁ ପଡ଼ିଲା । କିନ୍ତୁ ନ ଭାବି ଅପେକ୍ଷା କଲା ଭଳି ସେଇଠି ଠିଆ ହୋଇ ବଣ୍ଟା ଝାଳିବାକୁ ଲାଗିଲା । ନେତାଙ୍କୁ ଦେଖିଲେ, କି ନେତା କଥା ଶୁଣିଲେ, ଜଗୁଆକୁ ଏମିତି ଲାଗେ । ମନଟା ତା'ର କେମିତି ଝଗାଟ ଝଗାଟ ଲାଗେ । ଛୁଆଁ ଛୁଆଁ ଝାଳି ହୋଇଯାଏ କୋଉଠିକି ଚୋଲି କୋଉଠିକି । କିନ୍ତୁ ଭାବି ପାରେ ନାହିଁ ଜଗୁଆ — ଖାଲି କି ଓମୋହ ଏଇଟା କଣ ବୋଲି ।

ଭଗିଆର ଗୋଟିଏ ବୋଲି ପୁଅ ଜଗୁଆ । ମା' ତାର ମରି ଯାଇଛି । ଜଗୁଆକୁ ଚାଇଶି କି ଚଉରିଶି ବରଷ ହେବ କେଜାଣି । ହେଲେ କୁଆଁନ ଟୋକା । ବଳିଲ ଦେହ । ମୋଟା ମୋଟା ଗୋଡ଼ ହାତ । ଚକଚକିଆ ଅଧାଡ଼ିଆ ଦେଖିବା ଟୋକା ! ଦେଖିଲେ ଶତ୍ରୁ ଲାଜିଯିବ । ଭଗିଆ ଭଳିଆ ଅବିକଳ । ପାଞ୍ଚହାତିଆ ମରଦ । ତା' ମା ମଲା ପରେ ଭଗିଆ ଏ ନେତାଙ୍କ ଆଶ୍ରି କରିଛି କୁଟେଇଲା । ଜଗୁଆ ଭାବିଥିଲା ଏଡ଼େ ସୁନ୍ଦର ଝିଅକୁ, ଭଗିଆ ତା'ର ଦେଉଁ—ନେତା ବଢ଼ିଲା । ଦପ୍ତରେ ତା'ର ମାଙ୍କି ଖ ନାଗିଲା । ଚୋଲଗାଲି ହେଲା । ସତ ଯେମିତି ଢେଲ ବୋଝ ପଡ଼ିବ ଦେହରୁ । କିଏ ଜନ୍ମବନ୍ନ ସିଏ ବାଜସ୍ତା ଘର ଝିଅ ନେବାକି । ଗାଳଗାଳିକା କସ୍ତା ଖଣ୍ଡିକ ଚିଦ୍ଧି, ଛାତି ଦେଖେଇ ନେତା ଗୁଳିଗଲେ, ବନ୍ତ ବଡ଼ ବାବୁମାନେ ବି ଦଣ୍ଡେ ଅନେଇ ରହନ୍ତି କୁଆଡ଼େ । ଜଗୁଆକୁ ଖବର ଲାଗିଲେ ବି ସିଏ ମନେ ମନେ ଗର୍ବ ଅନୁଭବ କରେ । ଯେଉଁ ଦିନ ଜଗୁଆ ଦେଖିଲା ନେତା ଆଉ ଭଗିଆ ଏକା ଘରେ ଓଗାଇଲେ, ତା' ପରଦିନ ସକାଳୁ ଜଗୁଆ ଘର ଛାଡ଼ିଛି । ପ୍ରତିବାଦ କରି ହେଉ କି ଖାଗରେ ହଉ, ସେ ଭଗିଆ ସାଙ୍ଗରେ କ

ଭଗିଅ ତା' ସାଙ୍ଗରେ କଥାବାର୍ତ୍ତା ହେବାର କେହି ଦେଖି ନାହାନ୍ତି ସେଇ ଧନଠୁଁ । ସମସ୍ତେ ଛି ଛି କଲେ । ବୁଢ଼ା କାଳେ ବୋହୂ ନ ଆଣି ଟୋକୀ ରଖୁଛି ବୋଲି କେତେ କଥା କହିଲେ ନେତକୁ ବି କହିଲେ ଜଗୁଆ ସାଙ୍ଗରେ ନ ଯାଇ ତା' ସାଙ୍ଗରେ ଶୋଇବ ବୋଲି—ହେଲେ ନେତ, ଭଗିଅ କେହି କାହାକୁ ଘୁଞ୍ଚିଲେ ନାହିଁ । ବୁଢ଼ା ଦିନେ ଟୋକୀ କନିଆ ଦେଇ ଭଗିଅ ତା'ର ନୂଆ ଘର ସଜାଇଲା । ଜଗୁଆ ତା'ର ବାହାପିଠି ରୋଜଗା କଲା । ଚାକିରୀ କଲା ବାବୁ ଘରେ । ଅଲଗା କୁରିଆ କରି ରହିଲା ବାପା ଅମଳର କେଇମାଣ ଜମି ଅଛି ହେତା, ଭାଗ ଜମି କରି ଭଗିଅ ବି ଚଳିଲା ସୁଖରେ । ହଳେ ବଳଦ, ଗାଈ ଦାଇଟା ଛେଳି ଦାଇଟା, କୁକୁଡ଼ା, ଏ ସବୁଙ୍କୁ ହେପାଜତ କରେ ନେତ ଅଉ ମୁହେଁଇ ହୋଇ ବିଲକୁ ଭାତ ନେଇଯାଏ । ଜଗୁଆ ଭଗିଅ ସାଙ୍ଗରେ କଥା ନ କହିଲେ ବି ନେତକୁ ଯୋଉଠି ଦେଖେ ମନ ଇଚ୍ଛା ଗାଳିଦିଏ, ନହେଲେ ମୁଖୁଲାଏ—ନେତ ମୁହଁ ମୋଡ଼େ ଜଗୁଆର ଦାଆ ପାଖାପାଖି ହେଲା ନେତ—ଜାଣି ଆଲୁଅ ପଡ଼ିଲେ ବି, କଏ ଗୋଟାଏ ଟୋଅ ହୋଇଚି ବୋଲି ଜଣା ଯାଉଚି ସିନା ଯୋଗି ଘାଣି ହୋଇ କିଏ ସିଏ ଏକଥା ବାରି ହଉନାହିଁ । ନେତ ମନରେ ପାପ ଛୁଇଁଲା । କିଏ କି ଆଉ ! ଦିଶେ ଟୋଅ ହୋଇଗଲା ନେତ । ପୁଣି ସାହସ ବାନ୍ଧି ଅଗଉଚି, ଜଗୁଆ ପଚାରିଲା—

'କଲେ, ଡରିଗଲୁ କି ନେତ ? ଏଥର ନେତର ଭ ଗୁଲିଗଲା । ଦମ୍ଭରେ କହିଲା କାହାକୁ ଡରିବି, ତେତେ ?'

'ଅଉ ଟୋଅ ହେଇଗଲୁ ସେଠି ?'

( ଗ୍ବ ) ( କାରକ )

'ଏମିତ ଠିଆ ହେଇଗଲୁ—। ଜଗୁଆ ଜାଣିଲା ନେତ ମିଛ
ହୁଛି ନିଜକୁ ଲୁଚେଇ । ଏଥର ସେ ପାଖ। ଘାଞ୍ଚି ହେବାରୁ
ତେଇ ପଗୁରିଲା, ଯେ—

'ବୁଢ଼ା ଘଇତା ପେଇଁ ଭାତ ନଇଚୁ ?'

'ଠୋକା ମାଇପ ଅଣିନାଇଁ ଙ୍କ ତୋପେଇଁ ? ସ୍ୱଗତେ କହୁଲା
ନେତ—

'କାଇଁ ଅଜ ମିଳୁନି, ଓଃ କ୍ଷୀଏ ତ ଏଣିକ ବୁଢାଙ୍କୁ
ସିଲେଣି···

'ଯୋଉ ଜାତୁଆ ଠୋକା ତ, କାଟି ଖୁଣ୍ଡି କ ଓଲଟାଇ ବାର
ବସାଦ ନାଇ, ସେଠେରେ ଦମାକ୍, ଓ ହୋ ଲେ ମୋ ଅଣ୍ଡି ସା,
ନ୍ଧ ନେଇ ଝପି ଯାଉଥିଲା ଜଗୁଆକୁ । ଜଗୁଆର ଅଘାତ ପାଇଥିଦା
ହୁଟିତ୍ୱ ହଠାତ ତାକୁ ପ୍ରବର୍ତ୍ତାଇଲା କଣ ଗୋଟାଏ କହୁଦେବା
ାଇଁ । କିନ୍ତୁ ନ ଭାବି ସେ ନେତ ହାତକୁ ଧରି ସ୍ୱଗତେ
ଗୁରିଲା ।

'କଣ କହୁଲୁ ବେ ? ଭାନ୍ତ ମୁହଁ ବଢ଼ିଲାଣି, ରହ, ତୋର
ଢ଼ା ଅସି ରଖିବ ତୋତେ' ।

ଯାଉ ଜଗୁଆ ଭଲ ଦଶା ଅଛୁ ତ, ନ ହେଲେ ଦେଖିବୁ
ମୋତେ,···ନାଲ୍ଲିଞ୍ଜ'—ଧମକ ସ୍ୱରରେ ନେତ କହୁଲ 'ଲାଜ
ମୋତେ ନା ତୋତେ ନାଇଁ ମ ? କଣ କହବୁ ବେ ମୋର
ମକଉରୁ ମୋତେ ? ନେତର ହାତ ଧରି ମୋଡ଼ିଲା ଫଳରେ
ା'ର ଜଲତ ଛାତ ଅତ ଜଗ ଭାବରେ ଆଗକୁ ଦେଖା ଯାଉଚ ।
ାତେ ଯେମିତ ଗର୍ବିତ ହିମାଳୟ । ଜଗୁଆ ସତକୁ ସତ ପ୍ରଲୋଭିତ

ହେଲ କେମିତ । ଆତ୍ମା ସମର୍ପଣ କଲ ଭଲ, ନେତ ଏଥର କହ୍ନି
'ଛାଡ୍'।

ନାଁ, ଭଦ୍ର ନେତକୁ ନିଜ ଅଙ୍କକୁ ଟାଣି ଆଣିଲ ଜଗୁଆ କୌଣସି ପ୍ରତିବାଦ ନ କରି ଟିକେ ଥଙ୍କାଳିଆ ସ୍ବରେ ନେତ କହ୍ନ 'ବାପର ମାଇପକୁ ପୁଅ ରଖିଆ' 'ପୁଅର ମାଇଅ ଯୋଗ୍ୟା ମାଇକିନାକୁ ବାପା କି ରଖିନ୍ତି—

'ଜଗୁଆ'—ଏଁ କରି ଉଠିଲ, ନେତ, ନିକଟ ଭାବରେ ଜଗୁଆର ବାହୁ ଭିତରେ ରହିଗଲ ।

'କଣ' ?

'ଏସବୁ କହି' ?

'ଯାହା ଏତେ ଦିନ ଧରି ଶୁଣୁଥିଲି' ।

'କଣ ମୋତେ ବାହା ହବୁ' । ସ୍ପଷ୍ଟ ଭାବରେ ନେ
ପଚାରିଲି ।

'ହଁ'

'ଲୋକେ' !

'ଭଲ କହିବେ ।'

ଲାଜ ମାଡିବନି, ଖରାପ ଲାଗିବ ନି ?

'ତୋତେ ପାଇଲେ କିଛି ଲାଗିବନି ବୋଲି କହି ନେତ
ଚୁମା ଦେଲ ଜଗୁଆ ।

'ସେଗୁଡା କଣ ?' ମିଛ ରାଗ ଦେଖାଇଲ ନେତ !

ସେଗୁଡା ମାଇପିଙ୍କୁ ଦଅନ୍ତି ଜୁଆଡେ ।

ଜାଣନ୍ତୁ ଠ !

'ତୁ ଶିଖେଇ ଦବୁ, ମୋ ବାପ ଠୁଁ ଦେଖିଥିବୁ ପାଇଥିବୁ !'

ଷ୍ଟିକୁ ଆଘାତ ଦେଲା ଜଗୁଆ ।

'ନେ' ଘର ଅଛି ଆଗାତ ସମାଳ ନେଡ ପଗ୍ରୁରିଲା ।

"ଜରବା ।"

"ମୁଁ ନଜ । ଙ୍ଗେ ଭଗିଆକୁ କଏ ସମାଳିବ ?" ସିଏ ପଚ୍ଛୁ ମର କରେ ଥୋଡେ, ପାରିବୁ ଟି ? ଠିକ ବ୍ୟବସାୟୀଙ୍କ ... ଦ୍ଧୁଲା ନେଡ ।

"ମାର ଛତୁ କରି ଦେଇ ।"

ଦେଖିବା ଯେ କେମିତ ମାରିବୁ । କରେ ମୋତେ ଏମିତ ଞ୍ଜ ଧରନ୍ତୁ ଭାଇଙ୍କି ? କଏ ଆସିବ ଯଦ ? ସାଧାରଣ ଭାବରେ ନେଡ ପଗ୍ରୁରିଲା । ଜଗୁଆର ମନେ ନଥିଲା ଯେ ନେଡ ତା ବାହୁ ଭିତରେ । କଥା ନମ୍ବରେ ସେ କେବଳ ଧରିଥିଲା, ତେଣେ କଥା ପରେ ସିଏ ତାକୁ ନଛାଡି ଦେଇ, ନେଡର ଜଙ୍ଘା ଛାତିଟାକୁ ଅଶ୍ଳୀଳ ଭାବରେ ନିଜ ଛାତିରେ ମିଶାଇ ଜାକି ନେଲା ...ଲାକୁ ।

ଠିକ୍ ସେତିକିବେଳେ ଭଗିଆ ପାଖରୁ ଚୋଝଠୁ ଡାକିଲା ନେଡ କିଲୋ···ନେଡ-ଇ—ଇ' ସେତେ ପାଖରୁ ଡାକ ଶୁଣି, ଜଗୁଆ ଛାଡିବା ଆଗରୁ ବଛା କାମୁଡ଼ିଲା ଭଳି ଛଟପିଟ ହୋଇ ନିଜକୁ ମୁକ୍ତ କଲା ନେଡ । କଂସାଟରେ ଯିବାକୁ ବାହାରିବ, ଫୁସ ଫୁସ କିନା କହିଲା ।

'ଯାଉଚି, ସିଏ ଆଇଲାଣି' ଯେମିତ ସେ ଗୋଟା ପଡ଼ଣି ଜଗୁଆର ।

'ଅସ୍ତୁ, ଦେଖିବା ବେଣୀ ପୁହୁଣ୍ଡରୁ ଦେଖାଇ ଜଗୁଆ କହିଲା ।

'ମିଛରେ—'

"ଆଲୋ ! ଦେଖ କଣ କରୁଛି ।"

ଜଗୁଆର କଥା ସରିବା ଆଗରୁ ଗୋଟାଏ ଗୁଦରରେ ମୁଣ୍ଡ ଢାନ ଦହ ଗୋଟା ପଣେ ଘୋଡ଼ ଘାଡ଼ ହୋଇ ଭଗିଆ ପହଞ୍ଚିଲା ସେଇଠି ଆସି ।

କେତେବେଳେଯାଏ ଯିଏ ଯେଉଁଠି ଥିଲେ, ସେଇଠି ସେମିତି ଅଟକି ରହିଗଲେ । ଯେମିତି ଯୁଦ୍ଧର ଡ଼ାକରା ଆଗରୁ ସଜସଜା—ନେତ ଅନେଇ ଅନେଇ ଦହକୁ ଦେଖୁଥିଲା—ଜଗୁଆ ବିଡ଼ିଟାରେ ଏଥର ଜୋରରେ ଗୋଟାଏ ଟାଣ ଦେଇ, ସାହସ ଧରି ଆଉ ଖଣ୍ଡେ ବିଡ଼ି ବଢ଼େଇ ଦେଲେ ଭଗିଆ ଆଡ଼େ । ତା' ପାଖକୁ ଭଗିଆ ବି କିଛି ନ କହି, ନ ଭାବି ବିଡ଼ିଟାରେ ନିଆଁ ଧରାଇଲା । ତା'ପରେ ପଚାରିଲା ନେତକୁ, ଭସ୍ ଭସ୍ କରି ମୁଳାଏ ଧୂଆଁ ମୁହଁରୁ ବାହାର କରି ।

"ଏଠି କଣ ହଉଥିଲା କିଲୋ ନେତ ?"

"ଜଗୁଆ ଅଟକେଇଲା ଯେ, କଥାଭାଷା ହେଉଥିଲା ।

ଜଗୁଆ ଦେହର ହିଡମତ ଚମକ ଲାଗିଲା । ଏ କଥାରେ, ନେତ ଯେମିତି ସାକୁଲେଇ ହେଇ ଜଗୁଆକୁ ଦୋଷୀ ସାବ୍ୟସ୍ତ କରାଇଲା—

"ତୁ କାହିଁକି ଅଟକିଥିଲୁ ରେ"—ଜଗୁଆକୁ କୌଣସି କଥା ନକହି ନେତକୁ ଚଢ଼ାଲା ଭଗିଆ ।

"କଥାବାର୍ତ୍ତା କରୁଥିଲୁ"—ନରମ ହେଲା ନେତ ।"

# କାରଣ

"ଭଣ କଥା"—ଗର୍ଜନ କଲା ଭଗିଆ ଏଥର । ଜଗୁଆ ଲସରେ ଧାଇମାରିଲା—

'ଜଗୁଆ ମୋତେ—' ନେଡ଼ା ଚେପ ଚୋବିଲା ।

'କଣ ମୋତେ ?'

'ବା' ହବାକୁ କହୁଥିଲା', ଜଗୁଆ ନିଜେ ଜରିଲେ ବି ପରକୁ ସେଇଠା ନ ଦେଖେଇ ବାଡ଼ରୁ ଧୁଆଁ ଗୁଡ଼ ଗୁଡ଼ ବାହାର ଶପଟେ କୁ ଫେ:ପାଡି ଦେଲା । ସେଇଠା ସେଁ କନା ଭାଇର ଉପରେ ପଡ଼ି ଜିଭିଗଲା । ହଠାତ୍ କିଛି ନ କହି ନ ଭଗୀଆ ଟେଣ୍ଡ ଗୁମ୍ମାରି ରହିଗଲା ତା'ପରେ କହିଲା ।

'ଓ—' ନେଟମିତ ସେ ଦୁଃଖିତ ଭଙ୍ଗୀ ।

'ମୋର ଏଥିରେ ଦୋଷ କଣ ?' ନେଡ଼ା କହିଲା ।

'ଚୁପ'—ଏଥରକ ନେଡ଼ା ସତରେ ଡରିଗଲା ।

'ମୁଁ ତାକୁ କହୁଥିଲି—

'ଚୁପା କହୁଥିଲୁ, ଶଳା ବାପ ମାଇପକୁ ବା' ହବ' ।

'ଯୋଉ ବାପ, ଯା'ବେ ମୋର କେହି ବାପ ଫାପ ନାହିଁ । ବୁଢ଼ା ଟୋକା ଟେ ଶୋଇବ, ବେହୁଆ ଢୋକଠିକାର' ।

'ଜଗୁଆ'

'ଥରେ ଆଉ ତାହାକୁ ଦେଖେଇବୁ ଯା ମୁଁ ତୋର ଖାଏ ନାଁ ରେ ?'

'ମୁଁ ତୋ ବାପ'

'ତୁ ମୋର କେହି ନୁହଁ, ମୋ ବାପ ମରିଯାଇଚି' ଅଭିମାନ, ତ ସବୁ ମଧ୍ୟାଭ ଜଗୁଆ କହିଲା କଥା ପଦେ ।

'ମାର୍ ଦଣ୍ଡା ବନେଇ ଦେଖି ଫେର୍ ଯଦି ନେଡ଼ ସାଙ୍ଗରେ କଥା କହିବୁ, ଅଜ ନେଡ଼, ତୁ ଚାଷ ଏଠିକା ଅଛୁ ତୋତେ ବି ।'

'ଅଲିଅ କହିବୁ ମୋର'—ଜଗୁଆ ବେଖାତିର୍ ଭରି କହିଲା ।

'ଭଡ଼ୀ କହିଲୁ ବେ ଶଳା ବଜ୍ଜାତ—' ଜଗୁଆର ଗାଲଟେ ଜୋର୍ରେ କେଉଁଠାଏ ଥାପ୍ପଡ଼ ପକେଇଦେଲା ଭଗୀଆ । ଜଗୁଆ ତା'ର ପ୍ରତିଉତ୍ତର ଦେଲା ଆଉ ଗୋଟାଏ ଓଲଟା ଥାପୋଡ଼୍ରେ । ଦୁହେଁ ତା'ପରେ ପିଟାପିଟି ହେଲେ ଜୋର୍ରେ ଜୋର୍ରେ । ନେଡ଼ ଠିଆହୋଇ ଦେଖୁ ଦେଖୁ ଖାମଖିଆ 'ଉଃ', 'ଇସ୍' ବୋଲି କହୁଥିଲା ସେଠି ।

ଜଗୁଆ କହୁନୁହାଁ ହୋଇ ବେହୋଷ ହୋଇଗଲା ଭଳି ସଢ଼ ରହିଲା । ଧାନରୁ କାଦୁଅ ପୋଛୁ ପୋଛୁ ଭଗୀଆ ବଡ଼ ଗୋଟାଏ ନିଶ୍ୱାସ ପକେଇଲା—ଶୀତରାତିର ତା' ଧାନରୁ ଅଳ ଜଗୁଆ ଦେହରୁ ଝାଳ ବୋହୁଚି ।

କାତ ଦେଖଉଥିଲା, ବୁଢ଼ାଙ୍କୁ ତ ପାରିଲୁ ନାହିଁ ଆଜି ମୋତେ । ତମ ଭଳୁଥିଲୁ, ଗୁଣ୍ଡା କରଦେବ'—ନେଡ଼ ଜଗୁଆକୁ ଥଟ୍ଟା କଲାଭଳି କହିଲା ।

'ଚୁପ୍ ଶାଳୀ' ଭଗୀଆ ଖେଙ୍କାରି ଉଠିଲା ।

'କଣ ମୋତେ ସେମିତି କହୁଚୁ ସ, ମେର ମୁଁ କାମ ଭରେ ଖାଏ, ମାଗଣା ଦଉଚୁ ନା ପୋଷୁଚୁ ?

'ଫେର୍'

'ଉଃ, ମୁହଁରେ ବଡ଼ା ଦବ ।'

# ଜାରଜ

'ନେଉ, ତୋ ମୁଣ୍ଡ ଫଟେଇ ଦେବି କହୁଛି ।'

'ମୁଁ ଚାଲିଯିବି ।'

'ଯା ଶାଳୀ କୁଆଡେ ଯିବୁ ଯା. ଦୁଆରେ ତୋର ଦ ଅଖି ଯାଉଛି ଚାଲିଯା'—

'ଯାଉଛି ଏଇନେ ।'

'ଯା'ବେ, ଧମକଉଚୁ, ବେଢଧଇ! ମୋ ମୁଣ୍ଡ ଖାଇଲୁ, ଏଥର୍ ମୋ ଭେଣ୍ଡା ପୁଅ ମୁଣ୍ଡ ଖାଇବାକୁ ଅଟେଇ ଅଛିଚ୍ ? ଆଉ ଦିନେ ଯଦି ଏ ଜାଗାରେ ତୋତେ ଦେଖେ, ପୁଣି ଠିଙ୍ଗି ବୁ ଯଗାଅଙ୍କୁ ।

'ଦମ୍ଭ ଥିଲେ ତୋ ଭଳି ଗଣ୍ଡାଏ ଗୋଡେଇବେ ।'

'ସେତ୍ ବକ୍ ବକ୍ ଯା' ପଳା ଏଠୁଁ । କହ୍ନୁ ଗୋଡେଇ ଦେଲା ଭଗୀଆ—କଂସା ଥୋଇ ଦେଇ ନେଉ ଅଟେଇଗଲା ଧୀରେ ଧୀରେ । ଆଖିରୁ ଲୁହ ପୋଛୁଥିଲା ସେମିତି ସିଏ ।

'ଉଠ୍ ଏଠର ମଂଗୁକୁ ଯା । ମୁଁ ଯାଉଛି ଏଗୁଡାକ ଖାଇଦବୁ,—କହ୍ନୁ ବାପର ଭ ଦାଗରେ ଗଡ କଲା ଭଗୀଆ । ଧୀରେ ଧୀରେ ଧାରକା ଦମ୍ଭହାକୁ ଭୁଇଁରୁ ଉଠେଇଲା ଜଗୁଆ—ମନରେ ରାଗ ତା'ର ମରିଯାଇଛି । କେମିତି କୋହ ଭାର ମୋହରେ ପଡିତ ଝୋଡି ଯାଉଛି । ମନ ହେଲା ତା'ର ଦଉଡିଯାଇ ଭଗୀଆ ଗୋଡତଳେ ପଡି ଯାଆନ୍ତା ।

ଆରକଡକୁ ଅନେଇଲା ଜଗୁଆ—ଜହ୍ନ ଅଲୁଅରେ ଗୋଟାଏ କାଳିଆ ଛାଇ ଅଟେଇ ଯାଉଛି । ଖୁବ୍ ଛୋଟ ଛୋଟ ପାଦ ପକାଇ । ଅନ୍ୟ ଦଗରେ ଗୋଟିଏ ବଡ ମଣିଷ ଜୋର୍‌ରେ

ପାଦ ପକେଇ ଚାଲିଲେ । ସ୍ନିଗ୍ଧ ପବନରେ ତାଙ୍କର ପାଦ ଶବ୍ଦ କି ନିଶ୍ୱାସ ଅବା ଶୁଭୁନାହିଁ ଜମାରୁ । ଏଥର ଗୋଟିଏ ଛାଇ ମିଳେଇ ଗଲା ଅନ୍ଧାରରେ, ଜ୍ୟୋସ୍ନାର ଆଲୁଅ ଛୋଟ ହୋଇଯାଇ । ପରେ ପରେ ଅନ୍ୟଟି ବି ଲୁଚିଗଲା ବିପରୀତ ଦିଗରେ ।

ଗୋଟାଏ ବଡ ଦୀର୍ଘଗ୍ରୀବ ଛୁଆ କଗୁଆ କଣ୍ଠରେ ଚେଇଁବାକୁ ଆରମ୍ଭ କଲା ମଞ୍ଚା ଉପରେ । ଦୂରରୁ ଶୁଭୁଛି 'ହେ...ଏ...ଏ...ଏ' ବୋଲି ଅନ୍ୟ ମଞ୍ଚାର କଗୁଆଳର ଡାକ । ସେମିତି ଜହ୍ନଟା ଚୋପା ଅଛି । ଝୁଲି ଝୁଲି ଆଲୁଅ ଦେଉଛି । ବଡ଼ ନିଛାଟିଆ, ବଡ଼ ଭରୁଷ... । ତାଙ୍କ ମନରେ ଗୋଟାଏ ଗୀତ ବୋଲିବାକୁ ଆରମ୍ଭ କରିବାକୁ ଯାଉଥିଲା କଗୁଆ—ହଠାତ୍ ପାଟି କଲା 'ହେ...ଏ... ଏ...ଏ'... । କେତେ ଦୂରରୁ ଡାକ ତାର ଫେରି ଆସିଲା ସେମିତି ଥରେ ଥରେ । ଆଉ ରହିଲା ନାହିଁ—ଧୀରେ ଧୀରେ ମିଳେଇ ଗଲା ନିସ୍ତବ୍ଧତା ଭିତରେ । ବଢ଼ି ବଢ଼ି ଚାଲିଲା —

## ଆଦାମ୍ ଆଉ ଇଭ୍

ସାନ ଭଉଣୀର ପ୍ରେମପତ୍ରଟି ପଢ଼ି ଦେଲାବେଳେ, ନିଜେ କେମିତି ଲଜ୍ଜା ଲାଗିଲା ପ୍ରଥମେ । ମନରେ ରାଗ ଆସୁଥିଲେ ବି ଚିଠିଟା ନ ପଢ଼ିବାକୁ ଇଚ୍ଛା ହେଉଥିଲା—ପୁଣି ଭାଇର କର୍ତ୍ତବ୍ୟ ଅଛି ତ !

ଚାର ଚାପ ପୁଅ

# କାଗଜ

ନିଜକୁ ପୁଣି ସଜାଡ଼ି ନେଇ ଚିଠିଟାକୁ ସି:ଆଇ:ଡି:ଭଳି ତ ପ୍ରକ୍ରନା ନେଇ ଗୁଳି ଆଣିଲି । ଓଃ କି କଦର୍ଯ୍ୟ ! ଅକ୍ଷର ଗୁଡ଼ାକ ଆଙ୍କେ ସବୁ ବଙ୍କା—ମାଇଚିଆ ! ଗୋଟାଏ ମାଛିକନା ଦେଖିଲେ ପାଟି ଫିଟେଇବୁନି; ଅଥଚ ଦେଖ; ସାନ ଭଉଣୀ ମୋର ପ୍ରେମ କଲଣି ! ଦୁଃଖ ଲାଗିଲେ ବି; ରାଗ ହେଉଥିଲେ ବି; ଚିଠିଟା ଧରି ଯେ କଣ ମୁଁ କରି ପାରିବି ଠିକ୍ ଭାବି ପାରିଲିନି ପୁଣି ଚିଠିଟାକୁ ପଢ଼ିବାକୁ ଲାଗିଲି । ମୁଁ ନିଜେ ପ୍ରେମଚିଠି ପଢ଼ୁଛି ଭଳି; ଛିଆଡ଼େ ସିଆଡ଼େ ଅନେଇ ଅନେଇ ଆରମ୍ଭ କଲି । ଓଃ କି କଦର୍ଯ୍ୟ, ଜଘନ୍ୟ !

'ମେରି ଦିଲ୍ କି ରାଣୀ!' ଅଶ୍ଳୀଳ !—ଏଇ ଯୋଉ ଟୋକାଗୁଡ଼ାକ ! ପର ଝିଅ, ବୋହୂ, ଭଉଣୀଙ୍କୁ ରଖେଇ ଦେବେନି ଏଠି ! ହେ ଭଗବାନ ! ମୋ ସାନଭଉଣୀ ପୁଣି କାହାର 'ଦିଲ୍ କି ରାଣୀ' ହେଲାଣି ? ଭାରି ରାଗ ମାଡ଼ିଲାସିନା, ପୁଣି ପଢ଼ିବାକୁ ଇଚ୍ଛା-ହେଲା, କଣ ଲେଖା ଅଛି ସେଥିରେ ।

'ତମକୁ ମୁଁ ଚାହିଁ ରହିଛି । ତମର ସେଇ ଆଖି, ହସଭରା ଓଠଯୋଡ଼ାକୁ ମୋର ଏବେ ବି ମନେ ପଡ଼ୁଛି ।'

ତା' ହେଲେ, କେବଳ ସିଏ ନୁହେଁ, ଲେଖାରେ ବି ଏଥିରେ ହାତ ଅଛି ! ଭଏ ବି ଅନାଏ ତାକୁ । ନିଜକୁ, ଚକ୍ଷୁଧରଟା ହେବାପାଇଁ ସମ୍ଭାଳି ପାରୁନାହାନ୍ତି ଆଉ ଯେମିତି ! ଓଃ ପ୍ରେମ ! ସପ୍ତ ପୁରୁଷ ଉଦ୍ଧାର ଏକାବେଳେକେ ! ଝିଲେଇଭଳି ଗୁରୁଅଡ଼େ ଆଖି ବୁଲେଇ ନେଇ ପୁଣି ପଢ଼ିବସିଲି ଚିଠିଟାକୁ ।

'ତମେ ଆସିବ ମେଇ ବାଡ଼ି ପାଖକୁ ସଞ୍ଜବେଳେ—ମୁଁ ଆସିଥିବି, କଥାବାର୍ତ୍ତା ହେବା' ।

ଆଦାମ୍ ଅନ୍ଦ ଇଭ୍ ଦେଉର

# କାରଣ

ତାରିଖ ଦେଖିଲି—ମାସେ ବିତିଗଲାଣି । ଏଁ ତା'ହେଲେ ଭଏ ତା' ପାଖେ ଏମିତି କଥା କହିବ ? ଭଗବାନ ହେ, କ'ଣ ଶୁଣେଇଲ ଭଲେ ! ଆମ ନାଁରେ ଖଲ, ଭଲ ଲୋକଟା ଭାବି ଅଛନ୍ତି, ଭଏ ଜଣେ ପ୍ରେମ କରିଚା ଏମିତି ।

ସାନ ଭଉଣୀ ମୋର—ମୁଁ ତାକୁ ଭାରି ଆଦର କରେ— ସମସ୍ତେ ତାକୁ ଶୋଭା କହନ୍ତି, କୋଉଠି ଯୋଗ୍ୟ ହିଁ ଅବୋଲି । ସବୁ ଭଉଣୀ ଆମର ହିତରେ ହିତେ ଚାଟ ଗଢ଼ିଚନ୍ତି, ଖାସ୍ ଗୋହାଲାବୋଲି ଭଏ ପଢ଼ିନି । କହୁଚଲି, ବୋଉ ରାଗେ ଆମ ଉପରେ । ଭାବିଲି ପଢ଼ିଥିଲେ ଭଏ ଭଲ ହୋଇନ୍ ଓଲିଚାନ୍ତା ସତେ ! କେଉଁଠି ଯେ 'ନଜର' ମିଳାନ୍ତା ! ନିଜେ କଣ ନିଜ ଭଉଣୀକୁ ଏମିତି ଆକ୍ଷେପ କରିବାରେ ଭାରି ଲାଜ ଲାଗିଲା ସତେ !

ଏତେ କଥା ଭାବିଗଲିଣି, ସେ ପ୍ରେମିକ-ପ୍ରବର ଭଲ କିଏ ! ତାକୁ ଜାଣିଲେ ଆଉ ଦେଖିଲେ ଖୁନ୍ କରିଦେବି । ଦେଖିବି ଯେ— ଭଲପାଇ । ଅଭ ଭାବା ଭଉଣୀ ମିଳିଲାନି ତାକୁ ! ତା'ର ଭଉଣୀ ଥିବ ଯେ, ଜବରଦସ୍ତ-ଚିଠି ଦେଲେ ତାକୁ ଚାଲାଣି କରିଗଲି ମୁଁ । କିନ୍ତୁ ଭଏ କିଏ ?

ଖୁସି ହେଲି—ଅଗର ସଙ୍ଗରେ ଘୁଣୁଘୁଣୁ ଦେଖିଲି, ନେଳିଆ ନେଳିଆ ଅକ୍ଷରେ ଲୁଚା ହିନ୍ଦୁର—ଏ ଚିଠିଟାରେ ନାଁ ନଥିଲା—କଣ ଲେଖାଥିଲା 'ମୁଁ' ବୋଲି । ବୁଝି ପାରିଲିନି ମୁଁ । ହିନ୍ଦୁର ଭାଗ୍ୟ ଗୁରୁଙ୍କ ଗୋଟାଏ ଦେଖିଲି, ଅମାର ସଙ୍ଗରୁ । ଯୋଡ଼ିବସିଲି ତାକୁ । ଗୋଟାଏ ଘଣ୍ଟାର କଥାରେ ନେଇକରି ଯୋଡ଼ିଲି ତାକୁ ସବୁ । ସେଇ 'ଭଉଣୀ ମୋର'—ଓଃହୋ, ରଙ୍ଗା, ଭଉଣୀ ! ଲୁହୁଆ ହୋଇ ।

କଟକ ଅଦାନ୍ ଆଉ ଭଲ୍

ଶେଷରେ ଦେଖିଲି ସୁ. ଜେ. । କିଏରେ ଇଏ ! ଗାଁରେ ଯେତେଭି ଝିଅ ଥା ସମସ୍ତଙ୍କର ନାଁ ଦେଖିଲି ମନେ ମନେ, ଅରେ ସୁଲଭ ଜେନା ? ସେ କାଳିଆ ଗଧ ଟୋକାଟା ! ମତେ କଣ ସେ ଲାଗିଲା ନିଜେ ବି ମୁଁ ଠିକ୍ କରି ପାରିଲିନି ଆଉ ।

ଗାଁକୁ ଆସି ଦଳଗୁଡ଼ା ଏମିତି ଲେଖିଛି ସିନା ! କଣ ସେ କରି ପାରିବ ଠିକ୍ କରି ପାରିଲିନି ଆଉ । ଭାବିଗଲି,—ରେଜିଷ୍ଟ୍ରିଠାରୁ କଟେଇ ଦେବ । ନହେଲେ ଦାଦାଙ୍କୁ ଡାକିଆଣିବ, ପଗୁରଦେବ, କିଏ ମୋ ଆଗେ କାନ୍ଦିବ ଦେଖିବାଟି ଲୋକେ ! ପ୍ରେମ କରିବେ । ବଜାର ! ଆଉ ବୋଉଙ୍କୁ କହେଁ—ହ ସେଇଆ ହବ ।

ପୁଣି ମନେ ହେଲା ଆଉ ଦେଖେଁ, ଲତା କଣ ଲେଖୁଛି ତା' ମାଆକୁ—କିଛି ରଖି ନଥିବ ! ହାଲେ ସିଏ ବଜାର ଭଳି ନହୋଇ ଥିବ । ହଁ ସିଏ ବି ଗୋଟାଏ କଥା ତ !

ଚିନ୍ତା କରି କରି, କଣ ଘଟେ, ଲତାର ଟ୍ରଙ୍କ ଖୋଲିଛି ଅଛି, ଫିଟେଇଲି ଯାଇଁ ତାକୁ । ଖଣ୍ଡେ ମୋଟିଆ କାଗଜରେ ଚିଠି ଅଧା ଲେଖା ହୋଇଛି ପାଇଲି । ରଫ୍ କି କଣ୍ଠ କାଟୁଥିଲା କେଜାଣି ! 'ମେରା ରାଜକୁମାର ! ସପନ ପୁରୀର ରାଜକୁମାର'—ଆଖି ଦି'ଟାକୁ ବୁଜି ପକେଇଲି ମୁଁ । ଲତା ଏମିତି ହେଲାଣି ! ଦୁଃସାହସ ଏ ! ସୁବିଧା ତାକୁ କିଏ ଦେଲା ? ପିଣ୍ଡାରେ ବସି ଲତା ବୁଣୁଥିଲା ପୁଲଓଭର୍ । ଚିଠି ବନ୍ଦ କରି ଦେଇ ଆସି, ତା ଅଜାଣତରେ, ଅନ୍ତରାଳରେ ଠିଆ ହୋଇ ଅନେଇଲି ମୁଁ ତା' ମୁହଁକୁ । ନିରିଖି ଚାହିଁଲି । ଭଲକରି ଦେଖିଲି । ତାହାଙ୍କ ଯେ ମୁଁ ଅନେଇଥିଲି, ମୋତେ ବି ଜଣାନାହିଁ । କଣ ମୁଁ ଭାବୁଥିଲି କେଜାଣି ! ସେଇ ତ

# କାଗଜ

ଠିକ୍ । ପୁରୁଣା ଭଳିଆ ! ସେଇ ମୋ ଗେହ୍ଲେଇ ଭଉଣୀ—ସାନ—ଭୋଇଁପେଟୁ—ଦେଖିଲେ ଅସି ଭାଇ ବୋଲି, ଜେକେଟରେ ହାତ ପୁରେଇ ଯାହା ପାଇବ ନେଇଯିବ । ଠିକ୍ ସେମିତି ଆଖି, ଠିକ୍ ସେମିତି ନାକ; ଠିକ୍ ସେମିତି ଫୁଲ୍ଲ ଗାଲ—ସେମିତି ଭ୍ରୁଲତା—ମୋ'ର ଭଲ ମୁହଁ । ବହୁତ ମଣିଯାଏ । ଲତା ଅନେଇଦେଲା, ମୋ ଆଡେ କେମିତି । 'ଭାଇ, ମୋତେ ସୁତା ଅଣି ଦେଲନି ? ଦେଖିଲୁ ଲୋ ବୋଉ' ବୋଲି ଚିତ୍କାର କରି ଉଠିଲା । 'ହଁ ହଁ ଭୁଲି ଯାଇଥିଲି ସିନା, ଆରଥର ଆସିଲା ବେଳକୁ ନେଇ ଆସିବି ।' ପ୍ରତିଶ୍ରୁତି ଦେଲି ।

ତୋଷ ଆଡେ ଦେଖିଲି, ସିଏ, ବୋଉ ଭେଉଟୁଣୀ ଆଗରେ ବସି, ଆଉ ବାପା, ବାପୁଣୀ, ନେତେଇ ଭାଇଭଉଣୀଙ୍କ କଥା ଗପୁଛି ଆଉ ସେମାନେ ଅନେଇଚନ୍ତି ଆମ ଆଡେ । ବର୍ଷ ଘଡିଲା ମୁଁ ଫିଙ୍ଗାଇଦେଲେ ପଡ଼ିଥିବା ଖଟଟା ଉପରେ ।

ନାଁ, ବୋଉକୁ କଥା ବୁଝାଇଦେବା ଦରକାର । ନହେଲେ ଗୋଟାଏ ଭଲ ହୋଇଯିବ ଅବସ୍ଥା—ଖାଇ ପିଇ ସରିଲି । ବୋଉକୁ ଡାକିଲି, ଦାଣ୍ଡ ଘିଟିରେ ମାଡି—ଲତା ବୋଉ ପଛେ ଆସିଲେ । ଡାକିଲି, କୁହ ବୋଉ ଫାଳ ଦେଇ, ପୁଣି ମା'ଙ୍କୁ ଧାଇଁ ଲତାକୁ । ସେ ରୁକିଗଲା ସିନା—କିନ୍ତୁ କଣ କହିବ ? କେମିତି କହିବ । ତାପରେ ଲତାକୁ ଡାକି ନେଲି ବସି ତା ପାଖରେ । ମଝିରେ ମଝିରେ ତା ମୁହଁକୁ ଦାନ୍ତକୁ ଯତ୍ନରେ ଲକ୍ଷ୍ୟ କଲି—ମୁଁ ସିଏ ବଦଳିଛି । ଠିକେ ଆଗରୁ ଆଉ ଆଗେ, ସେମିତି ଛାତିରୁ ଲୁଗା ଖସିଗଲେ କିଛି ନଥିଲା—କଣ ହେଲେ ଖିଆଲ ନଥିଲା

# ଜାରଜ

ତ ଭାଉ ! ଏବେ ! ଏଇଆ ଅଲଗା । ସେତେ ଗେଟେହୁଲଇ ହଜନା । ଥଟ୍ଟା କଲେ ତାଙ୍କୁ କେମିତି ବାଟି ଯାଉଛି ବେଶୀ ବେଶୀ । ସେ ଅଳ୍ପ ହସୁଚି ତ !

ଘଡହେଲା । ପୁଣି ବୋଉକୁ କହିବ ବୋଲି ଆଣିଲି ତାଙ୍କ କନ୍ଥ କାଉଳି, କି ଉପାୟରେ ? ଧେତ୍, ଚିଠି ଦେବି ଗଲେ ଗୁଳି ବୋଲି ଭାବି ରହିଗଲି ।

ସୁଲଭକୁ ଦେଖିଲି । ମନେହେଲା, ସିଏ ଯେମିତି ମୋତେ ଥଟ୍ଟା କଲାଭଳି ଲାଗିଲା । ତା ସାଥିରେ କଥା ନ କହିବ ବୋଲି, ଦୂରରୁ ଦେଖି ଭାବୁଥିଲି । ମୁହଁ ମିଳିଗଲା ପରେ ନହସି ବନ୍ଦ ହୋଇ ପାରିଲାନି ଆଉ । ମାରିବି ବୋଲି ଭାବୁଥିଲି ସିନା ଥଟ୍ଟା କରି ପଳେଇ ଆସିଲି । ପଛେ ଅନେଇଲି ଗଲାପରେ । ସେଇ ତ ପୁରୁଣା ।

ନିଜେ ନିଜକୁ ଅନେଇଲି । କଣହେଲା ବୋଉ । ମୋର ଅଭ୍ୟାସ ପଡ଼ିଗଲା ଲତାକୁ ଅନେଇବାରେ ।

ଭାଇମାନଙ୍କ ଆଗେ କହିଦେଲି ଫେରିଆସି ଗାଁରୁ ମୋର ଉଦ୍ଭାବନଟା କନ୍ଥ ବୋଉ ପାଖକୁ କି ବାପାଙ୍କୁ ଚିଠି ଦିଆ ହେଇନି ଏ ଯାଏ । ସିଏ ବି ଜାଣିବେଣି ହୁଏତ ।

ରାସ୍ତାରେ ହିଁଅ ଦେଖିଲେ, ମୁ ତାଙ୍କୁ ନିରଖି ଅନାଏଁ, ମେସ୍ ମେରଜମ୍ କଲାଭଳି—କଣ ଯେ ଲକ୍ଷ କରେ ମୁଁ ବି ଠିକ୍ କରିନି ଏ ଯାଏଁ ।

# ଏମାନେ ବଂଚିଚନ୍ତି

'ନାଷ୍ଟସ୍ସ୍, ନାଷ୍ଟସ୍, ଏଥର ଭାବିବାରେ କଣ ଅଛି ? ଆସ ଆସ ଭିତରକୁ, ତମେ ଯେତେବେଳେ ମୋର ଅତିପ୍ରିୟ ପତ୍ରିକା 'ଧଗଧଗ' ତରଫରୁ ଆସିଚ, ସେତେବେଳେ ତମେ ଏ କଥା ପଚାରୁଚ କଣ ? ତା'ପରେ ତମେ ହୁଏତ ଜାଣିନ ତମର ସଂପାଦକ ମୋର ଅନ୍ତରଂଗ ବନ୍ଧୁ'—ବେଶ ସୁନ୍ଦର ବଡ଼ଲୋକି ଠାଣିରେ ପ୍ରକାଶ କଲେ ଏଇ କଥାଗୁଡିକ, ନୀଳଗଡର ବ୍ୟବସାୟୀ ରାଜାସାହେବ, ବୀରେନ୍ଦ୍ର ନାରାୟଣ ବର୍ମା । ସନ୍ତର୍ପଣରେ ଅଭିଜିତ୍ ତାଙ୍କର ଅଫିସ ଘରର ସାଜସଜ୍ଜାଗୁଡ଼ିକ ଉପରେ ଆଖି ବୁଲେଇ ବୁଲେଇ ପ୍ରବେଶ କଲା । ନିଜକୁ ଏକ ସୁନ୍ଦର ଗଦିଯୁକ୍ତ ଚଉକୀରେ ଅତି ସାବଧାନତାର ସହିତ ରଖିସାରି, ସେ ଧୀର ଗଳାରେ କହିଲା—

ମୁଁ ଆସିଥିଲି ଆପଣଙ୍କର ଓ ରାଣୀମାନଙ୍କର ଜୀବନୀ ନେବାକୁ 'ଧଗଧଗ' ଆଗାମୀ ସଂଖ୍ୟା ପାଇଁ ?

'ଏଥିରେ ବା ବିଶେଷ କଣ ଅଛି — ନାଷ୍ଟସ୍ ନେଇ ବୁଝି ନିଅ ସବୁ, କିନ୍ତୁ ହେମମାଳା କଥା ଜାଣିବାକୁ ତୁମକୁ ତ ପ୍ୟାଲେସ ଯାଏ ଯିବାକୁ ପଡ଼ିବ ? ନଚେତ୍ ତମର ସାମ୍ବାଦିକତା ଦୃଷ୍ଟିରୁ ଅପରାଧ ହେବ, ମୋଠୁ ତା' କଥା ଜାଣିନେଲେ— ତମର ଦେଖିବା ଦରକାର ବି ପ୍ୟାଲେସଟା । ଅନ୍ତତଃ, ସେଇଟା

# ଜାରଜ

ଆମ ଜୀବନର ଏକ ଶ୍ରେଷ୍ଠ ପରିଚୟ—ନାଁ କଣ ରଖିଚୁ, ଜାଣିଚ ? 'ପ୍ରେମନୀଡ଼'—ବେଶ୍ ରୋମାଣ୍ଟିକ ଅଁ... କି ନାଁ—ନିଜେ ମୁଁ ବାଛିଚି ।'

'ବେଶ୍ ହେଇଚି'—ଉପଭୋଗ ସ୍ବରରେ କହିଲା ଅଭିଜିତ୍ ।

'ତମକୁ ଯିବାକୁ ହେବ ସେଠିକି—ଗୋଟାଏ ଓଳିଙ୍କ ରାତିଟାଏ ନ ରହିଲେ କେମିତି ଜାଣିବ ସବୁ ସେଠାକାର କଥା ଏଁ ? ହଁ ତୁମେ ହୋଟେଲରେ ରହୁଥିବ, ଅଜ ରାତିରେ 'ପ୍ରେମନୀଡ଼'ରେ—ହଁ, ସେଠି ତମ ପାଇଁ ଲୁଗାପଟାର ଅଭାବ ପଡ଼ିବନି । ଯିବତ ?'

'ଯିବି'—ସାମ୍ବାଦିକତାର ସୌଜନ୍ୟ ବୋଧ ବୃଦ୍ଧିରୁ କହିଲା ଅଭିଜିତ୍ କିନ୍ତୁ ତାକୁ ନିଜର ଇଚ୍ଛା ବିରୋଧରେ ଏତିକ କହିବାକୁ ପଡ଼ିଲା ହୁଏତ ।

'ବର୍ତ୍ତମାନ ସାଢ଼େ ଦୁଇଟା—ଅଧେ ଆଉ ଘଣ୍ଟାଏ ପରେ ବାହାରିଯିବା ଏଠୁଁ ? ଦିନର ଆଲୁଅରେ ତମେ ଦେଖିବ 'ପ୍ରେମନୀଡ଼' କେତେ ସୁନ୍ଦର—ମୋ ଜୀବନର ଅର୍ଦ୍ଧେକ ସଞ୍ଚୟ ମୁଁ ସେଥିରେ ଖର୍ଚ୍ଚ କରିଚି । ହଁ, ତା'ପରେ ତମର ଦେଖା ହେବ ଆକାଶ ଓ ଧରିତ୍ରୀ ଦୁହିଁଙ୍କ ସାଙ୍ଗରେ—ସେମାନେ ମୋ ପୁଅ ଝିଅ—ଫେରିଥିବେ ସେତେବେଳକୁ—

'ମୁଁ ଅପେକ୍ଷା କରୁଚି'

'ହଁ, ତମେ ବସ ଗପସପ କରିବା, ମୋ ବିଷୟରେ ଯାହା ଜାଣିବ ଜାଣ—ତମେ ସିଗାରେଟ ଖାଅ ? କହି ସୁନାକେସ ବଢ଼ାଇ ଦେଲେ

ବୀରେନ୍ଦ୍ରନାରାୟଣ । ସିଗାରେଟ ନେଇ ଅଭିଜାତ୍ର ପାଟିରେ ଦେଲେ ଓ ଖୁବ୍ ଦାମୀ ଏକ ଲାଇଟରରେ ଅଗ୍ନି ସଂଯୋଗ କରି ତା' ଆଗରେ ଧରିଲେ ସେ । ସିଗାରେଟରେ ଦମେ ଦେଇ ଅଭିଜାତ୍ର ପଚାରିଲେ— 'ଆପଣଙ୍କ ପାରିବାରିକ ଜୀବନ ସୁଖମୟ ନିଶ୍ଚୟ—ସମ୍ଭବତଃ ଆପଣ ଠିକେ ବେଳରେ ବିବାହ କରିଥିଲେ ?' ଠିକ୍ ସାମ୍ବାଦିକର ଖୋଜିଲା ମନ ନେଇ ପଚାରିଲେ ଅଭିଜାତ ।

'ହଁ, ପ୍ରାୟ ପଚିଶିରେ ମୋର ବିବାହ—ବର୍ତ୍ତମାନ ମୋତେ ପଞ୍ଚାବନ—ହେମମାଳାକୁ ଅଠଚାଳିଶ, ସେଇଟା ଅବଶ୍ୟ ଠିକେ ଅଶୋଭନ—କିନ୍ତୁ ମାଲ ଓ ମୁଁ ପରସ୍ପରକୁ ଅତି ଭଲ ପାଉ । ତମେ ଦେଖିବ, ଗଲେ ଦେଖିବ ସେ ସବୁ । ଆଉ ପାରିବାରିକ ଜୀବନଟା ସ୍ୱାଭାବିକ ଭାବରେ ସୁଖମୟ ଓ ମଧୁର'

ଅଭିଜାତ ଟିପିନେଲେ ବୟସ କଥାଟା—

'ବ୍ୟବସାୟରେ ତ ଆପଣ ପ୍ରଡମତ ବିଜନେସ୍ ମ୍ୟାଗ୍‌ନେଟ୍, ଖୁବ୍ ଜଲଦିରେ—

'ହେଁ ହେଁ ହେଁ, ସେମିତି ଗୁଲତାଡ ।' ମାରୁଆଡ଼ିଙ୍କ ଭଳି ବୀରେନ୍ଦ୍ର ନାରାୟଣ କହିଲେ ।

'ଆପଣଙ୍କ କାମରେ······

'ଓଃ ଅପୂର୍ବ ଭଲ ? ମୋର ତ ପ୍ରାୟ ବିଶେଷ କିଛି କାମ ନଥାଏ ମିଲ୍‌ରେ । ମ୍ୟାନେଜର, ଅସିଷ୍ଟାଣ୍ଟ ମ୍ୟାନେଜର ମୋତେ କେବଳ ଦସ୍ତଖତଟି ଓ ଅଡ଼ଭାଇସ୍ ଛଡ଼ା ଆଉ କିଛି ବିଶେଷ ଭାବରେ ପରିଶ୍ରମ କରାଇ ଦିଅନ୍ତିନି ସିଏ । ତେଣୁ ତମେ ବରଂ ମୋତେ ଏ ଅଯଥା ବସିବାଠୁଁ କଥା କୁହାଇ ଆନନ୍ଦିତ କଲ,—

ତଥାପି ତ ଆପଣ ଅସୁବିଧାରେ ପଡ଼ିଲେ'—ଓଃ, ସେଥିପାଇଁ ଭାବ ନାହିଁ କିଛି—ହଁ, ତମର ବର୍ତ୍ତମାନ କଣ ଦରକାର ? ଚା' ନା କଫି ?' କହି ଟେବୁଲ ଗୋଡ଼ରେ ଲାଗିଥିବା ଏକ ସୁଇଚ୍‌ର ବୋତାମ ଟିପିଦେଲ ବୀରେନ୍ଦ୍ର ନାରାୟଣ ଓ ଅଭିଜିତ୍ ଠାରୁ କୌଣସି ଉତ୍ତର ନପାଇଲେ ସୁଦ୍ଧା, ବୟ ଆସିବାରୁ କଫିର ଅର୍ଡର ଦେଲେ ଓ ବୟ ସଲାମ କରିଦେଇ ବାହାରିଗଲା ପୋଷା ମେଣ୍ଢା ଛୁଆଟି ଭଳି । ତା'ପରେ ନିଜେ ଆରମ୍ଭ କଲେ ।

'ତମେ ବୋଧେ ହେମମାଳାକୁ ଦେଖିଚ ? ଅନ୍ତତଃ ତା' ନାଁ ଶୁଣିଥିବ—ଭଲ ଲେଖୁଥିଲ ସେ—

'ହଁ, ମୁଁ ଶୁଣିଚି ତାଙ୍କ କଥା, କେବେ ନଦେଖିଲେ ବି ଫଟୋ ଦେଖିଚି, ତେଣୁ ଚିହ୍ନିବାରେ ବିଶେଷ ଅସୁବିଧା ହେବନି'—

'ଦେଖ, ମୁଁ ତମକୁ ମୋ ବିଷୟରେ କିଛି କହିବାକୁ ଚାହୁଁନି—ତମେ ନିଜେ ବୁଲିବୁଲି କରି ଦେଖି, ସବୁ ଜାଣି ପାରିବ । ତା'ପରେ ତମର ମତାମତ ଦେଇ ଦେଖିବ । ଅବଶ୍ୟ ତମର ମତାମତ କଣ ହୋଇ ପାରେ ସେକଥା ମୁଁ ଜାଣିଚି ଓ ତାହାହିଁ ହେବାକୁ ବାଧ୍ୟ । କାରଣ......'

'ସେଇଟା ଭଲ ହେବ"—ବୀରେନ୍ଦ୍ରଙ୍କର ଅଧା କଥାରୁ ଅଭିଜିତ କହି ଉଠିଲା । ବୟ କଫି ଦେଇଗଲା ଓ କଫି କପରେ ଚୁମ୍ବନ ଦେଇ ବୀରେନ୍ଦ୍ର ପୁଣି ଆରମ୍ଭ କଲେ ।

'ଜାଣିଚ ବୋଧେ ଏଥର ନିର୍ବାଚନରେ ହେମମାଳା ଠିଆ ହେଉଛି । ମୁ ଠିଆହେବାର ଥିଲା—ହେଲି ନାହିଁ—ତା' କଥା ମୋ

କଥା ଏକା—ସିଏ ହେଲେ ଚଳିବ ।”

ଅପଣଙ୍କ ପଲିଟିକ୍ସରେ ପୁଣି ଥିଲେ ଆଉ ଅପଣଙ୍କ ଅତୀତ ତ କେବଳ ବିଜୟଗାଥାର ଓ ବିଖ୍ୟାତି—ବହୁ ଲୋକଙ୍କ ମତରେ ଆପଣ ବର୍ତ୍ତମାନ ସୁଦ୍ଧା ରାଜନୀତିରେ ।” କହି କପଟ ହସ ହସିଲ ସେ ।

ହଁ ହଁ, ସେସବୁ ଭିତରେ ଅଛି ରାଜନୀତି । ତେବେ ମୋର ସକ୍ରିୟ ରାଜନୀତିରେ ଆଉ ବିଶେଷ କଅଣ ଭାଗ ରହିଲା ? ବରଂ ହେମମାଳା ବହୁ ସଂଗଠନ, ସହିତ ସଂପୃକ୍ତ । ରାଜନୀତି ସହିତ ମଧ୍ୟ ।’

ବୀରେନ୍ଦ୍ରନାରାୟଣ ସିଗାରେଟ ଖଣ୍ଡେ ଧରାଇଲେ ଓ ଅଭିଜିତ ଆଡକୁ ଆଉ ଖଣ୍ଡିଏ ବଢ଼ାଇ ଦେଲେ । ଦୁହେଁ ନିଆଁ ଧରାଇ ଭସ୍ ଭସ୍ କରି ଧୂଆଁ ଛାଡିଲେ ଓ ଉଭୟଙ୍କର ଆଗରେ ଜମାଟବନ୍ଧା ଧୂଆଁ କିଛି ସମୟ ରହି ଘର୍ଘର ସିଲିଂ ଫ୍ୟାନର ପବନରେ ମିଳେଇ ଗଲା । ଦୁହେଁ କଫିତକ ନିଃଶେଷ କଲେ । ଅଭିଜିତ ଏଥର ଅପେକ୍ଷା କଲା କିଛି ସମୟ ପର୍ଯ୍ୟନ୍ତ । ଛାଇ ଲେଉଟିଗଲା । ସୂର୍ଯ୍ୟର ଶେଷ ବେଳର କିରଣ ଅଫିସ ଘରର କାଚ ଝରକାଦେଇ ଭିତରକୁ ପଡ଼ିଲା । ବୀରେନ୍ଦ୍ରନାରାୟଣ ବାହାରିଲେ ଏଥର ଓ ଅଭିଜିତ ତାଙ୍କୁ ନୀରବରେ ଅନୁସରଣ କରି, ଯାଇ ତାଙ୍କର ଅତି ମୂଲ୍ୟବାନ ଚମତ୍କାର ମୋଟର ଗାଡ଼ିର ପଛ ସିଟରେ ବୀରେନ୍ଦ୍ରଙ୍କର ପାଖରେ ବସିଲା । ସୁସଜ୍ଜିତ ସୋଫର କାରରେ ଷ୍ଟାର୍ଟ ଦେଲା ।

‘ଏଇ ପ୍ରେମନୀଡ଼’ ଦୂରରୁ ଦେଖା ଯାଉଛି—କେମିତି ହେଇଚି ଦୂରର ଭଉଟା ? ପ୍ରାୟ ଅଧଘଣ୍ଟାର ନୀରବତା ପରେ ବୀରେନ୍ଦ୍ର କହିଲେ । ଦୂରରୁ ଏକ ଅଟ୍ଟାଳିକା ଦେଖାଯାଉଛି—ଚମତ୍କାର ଓ

ବୋଲି ଦାମିକା ଯେ କେହ୍ନ ବହୁବ । ଦୁଇଟି କରଣି ପଡ଼ ଝୋଠାଟି ସତେ ଯେମିତି ଚକ୍କଡ଼ ଭଳିକି । ବାହାରୁ ବଗିଚାର କିଛି ଅଂଶ ମଧ୍ୟ ଦେଖାଯାଉଛି । ମାଲିକର କଳାପ୍ରୀତି ମନୋଭାବ ସ୍ପଷ୍ଟ ।

'ଚମତ୍କାର,' ଅଭିଜିତ କହିଲା ।

'ଭିତରକୁ ଗଲେ ଆହୁରି ସୁନ୍ଦର ଲାଗିବ'—ବୀରେନ୍ଦ୍ର ସତେ ଯେମିତି ତୋଷାମଦ ହୋଇ କହିଲେ ଓ ଏଥର କାରଟି ଘରର ସଦର ଦ୍ୱାର ଭିତରକୁ ପଶିଲା । ବଗିଚାର ମାଲୀ ସମ୍ଭବତଃ, ହର୍ଣ୍ଣ ଶୁଣି ଫାଟକ ଫିଟାଇ ଧରିଥିଲା ଓ ପରେ ପରେ ଦୁଆର ବନ୍ଦ କରିଦେଇଛି । ଗୋଟାଏ ପାଖ କବାଟ ଖୋଲି ଅଭିଜିତ ନିଜେ ବାହାରିଲା — ବୀରେନ୍ଦ୍ର ନାରାୟଣ ଅନ୍ୟ ପାଖରେ ବାହାରିଲେ ଓ ଅଭିଜିତ ଲକ୍ଷ୍ୟ କଲା ଜଣେ ଯୁବତୀ ନାରୀ ପ୍ରାୟ ଦଉଡ଼ି ଆସିଲେ ଓ ବୀରେନ୍ଦ୍ରଙ୍କୁ ଖୋଲାଖୋଲି ଭାବରେ ଆଲିଙ୍ଗନ କଲେ । 'ଗୁନୁ' ବୋଲି କହୁ ଓ ବୀରେନ୍ଦ୍ର ପ୍ରତ୍ୟୁତ୍ତରରେ 'କୁନି' ବୋଲି ମଧ୍ୟ କୋଳକୁ ଟାଣି ନେଇ କହିଲେ 'କୁନି ସିଏ ଧଗଦବାର ରିପୋର୍ଟର ଅଭିଜିତ ବାବୁ, ଆମ କଥା ଜାଣିବାକୁ ଆସିଛନ୍ତି— 'ନମସ୍କାର'—ହେମମାଳା ମୁକ୍ତହୋଇ ଅଭିଜିତଙ୍କୁ କହିଲେ 'ନମସ୍କାର' — ଟିକେ ଅସୁସ୍ଥ ହେଲା ଏଥର ଅଭିଜିତ ।

'ଇଏ ହେମମାଳା'...ବୀରେନ୍ଦ୍ର କହିଲେ ।

'ମୁଁ ଆଗରୁ ଜାଣିପାରିଛି ସେ କଥାଟା'—

'ସାମ୍ବାଦିକର ଖୋଜିଲା ମନ...ସ୍ୱାଭାବିକ ସେଇଟା'— ହେମମାଳା ଟିପ୍ପଣୀ ଦେଲେ ।

ବୈଠକ ଘର ଭିତରକୁ ପଶିଲେ ସମସ୍ତେ । ଅଭିଜିତ

ସତକୁ ସତ ସ୍ତମ୍ଭୀଭୂତ ହେଲ ହଲର ଅର୍ଟ ଗ୍ୟାଲେରୀ ଦେଖି ଓ ଅସବାବପତ୍ରର ଜାକଜମକତା ଦେଖି ।

ଅପୂର୍ବ, ତା’ ପାଟିରୁ ବାହାରି ପଡ଼ିଲା ।

‘ବହୁ ଚେଷ୍ଟା ଲାଗିଛି ମୋର ଓ ହେମର ଏସବୁ ଯୋଗାଡ଼ କରିବାକୁ…ନିଶ୍ଚୟ ସୁନ୍ଦର !

‘ସେଥିରେ ସନ୍ଦେହ ନାହିଁ’ ଅଭିଜିତ ଯୋଗକଲା ।

‘ତମେ ଅପେକ୍ଷା କର ମୁଁ ବାଥ୍‌ରୁମରୁ…’

‘ନିଶ୍ଚୟ, ନିଶ୍ଚୟ । ଆପଣ ବ୍ୟସ୍ତ ହୁଅନ୍ତୁନି ।’

‘ମୁଁ ଅଛି ଆପଣଙ୍କ ସହ । କଥା ଗପିବାକୁ । ଅବଶ୍ୟ ଯେତେଟା ମୁଁ ପାରିବି — ଜାଣିନି ଆପଣ ମୋ କଥାସବୁ କେମିତି ନେବେ । ‘ନିଜକୁ ଏତେ ପ୍ଲେଟ ଖବୁରିଂତ କାହିଁକି ?’ ସେତେବେଳକୁ ବୀରେନ୍ଦ୍ର ଅଦୃଶ୍ୟ ହେଲେଣି, ଅତି ଦାମିକା ପାହାଚ ଗୁଡ଼ିକ ଉପରେ ଚଢ଼ି ଚଢ଼ି ।

ଆପଣ ମୋ ପିଲମାନଙ୍କୁ ଦେଖିନାହାନ୍ତି ତ ? ସେମାନେ ମଧ୍ୟ ଆମର ଶ୍ରେଷ୍ଠ ପ୍ରଚେଷ୍ଟାର ଫଳ । — କେମିତି ଚେହେରା ରକମର କହୁଲେ ହେମମାଳା ଓ ଡାକଲେ ‘ଗଭର୍ଣ୍ଣେସ୍, ଅକାଶ ଟରିଣୀଙ୍କୁ ଅଣିଲ ?’ ଆଣିବା ଅଗରୁ ପୁଣି ସେ ପଚାରିଲେ ‘କେମିତି ନାଁ ଦେଇଛ ?’

‘ଅତି ଆଧୁନିକ ଓ କଳାପୂର୍ଣ୍ଣ’ ଅଭିଜିତ ଟିପ୍‌ପଣୀ ଦେଲା ଓ ମନେ ମନେ ନାଁ ଦୁଇଟାକୁ ଗୁରେଇ ତୁରେଇ ନେଲା ଟିପି ନ ନେଇ

‘ଇଏ ଆକାଶ, ଇଏ ଧରିତ୍ରୀ ।’

‘ନମସ୍କାର’ —

ରବଣି

ଏମାନେ ବର୍ଣ୍ଣଚନ୍ଦ୍ର

# ଜାରଜ

'ନମସ୍କାର'—

'ନମସ୍କାର' ପିଲାଦୁଇଟି ନମସ୍କାର କଲେ ଓ ଅଭିଜିତ ଉତ୍ତର ଦେଲା ଓହ୍ଲାଇ ଆସୁ ଆସୁ ବୀରେନ୍ଦ୍ର ପଚାରିଲେ—

'କେମିତି ହେଉଚନ୍ତି ସେମାନେ ?'

ସବୁର ଉତ୍ତର ମୋ ତରଫରୁ ଗୋଟିଏ 'ଚମତ୍କାର'।

'ଧରନ୍ତୀ ବିଲ୍‌କୁଲ୍ ହେମମାଳାର ପ୍ରତିଛବି ଆଉ ସେଇ ପ୍ରତିଭା ନେଇ କି ସିଏ ଜନ୍ମହେଲା ଭଳି ଲାଗୁଛି।' 'ବିଲ୍‌କୁଲ୍ ମା'ର ଏକ ନୂଆ ସଂସ୍କରଣ।' 'ଅନେକଟା ସେଇଆ, ହେମମାଳା ହସି ହସି କହିଲେ—ତମେ ଏଥର ଯାଅ'—ବୀରେନ୍ଦ୍ର ଆଦେଶ ଦେଲେ ଓ ପିଲାଦୁଇଟି ଚାଲିଗଲେ।

ସଂଧ୍ୟା ଧୀରେ ଧୀରେ ନଇଁ ଆସୁଚି 'ପ୍ରେମନୀଡ଼'ର ଦାମି ଲନ୍ ଉପରେ। ପୁରପୁର ଅନ୍ଧାର ହୋଇନି। କିନ୍ତୁ ଦୁର୍ମୂଲ୍ୟ ବିଭିନ୍ନପ୍ରକାରର ଆଲୋକରେ 'ପ୍ରେମନୀଡ଼' ଉଦ୍‌ଭାସିତ। ଅଭିଜିତ ତା'ର କାମସାରି ପୁଣି ବୈଠକଖାନା ଭିତରକୁ ପଶିଆସିଲା। ସେତେବେଳେ ଆଉ ଜଣେ ବ୍ୟକ୍ତି ବସିଥାଆନ୍ତି ବୀରେନ୍ଦ୍ର ଓ ହେମମାଳାଙ୍କ ସହିତ। ତାଙ୍କର ଚେହେରାରୁ ମିଲ୍ ମାଲିକ ବା ସେଇଭଳି କିଛି ବୋଲି ଧାରଣା ହେଉଥିଲେ ମଧ୍ୟ ପୋଷାକ ରାଜନୈତିକ ନେତାର ବୋଲି ପରିଚିତ ଦିଏ।

'ଇଏ ହେଉଚନ୍ତି ବରେଶଚନ୍ଦ୍ର ପଟ୍ଟନାୟକ'

'ନମସ୍କାର'

'ନମସ୍କାର'—ସେତିକିରୁ ରମେଶଚନ୍ଦ୍ରଙ୍କୁ ଚିହ୍ନି ପାରିଲା ଅଭିଜିତ। ତା'ର ଧାରଣାଟା ସତ। ସେ ବ୍ୟବସାୟୀ ଓ

ସଜନୀ ଭିଲ୍ଲା । ଏ ଦେଶର କେତେଜଣ ବଡ ଧନୀଙ୍କ ମଧ୍ୟରୁ ଜଣେ ସେ ।

'ଅଭିଜିତ ଦାସ, ଦାଗଦବର ରିପୋର୍ଟର'— ନିଜେ ଅଭିଜିତ ନିଜର ପରିଚୟ ଦେଲା ।

ନାନା କଥାର ପରିବେଶ ଭିତରେ ଚା' ପିଆ ସରିଲା । ସେତେବେଳକୁ ରାତି ଦଶଟା ବି ବାଜିଲାଣି । ଘଣ୍ଟାକୁ ଚାହିଁ ଅଭିଜିତ ଦେଖିଲା ରାତି ସାଢ଼େଦଶ । ଚା' ଟେବୁଲର ଚାରିକଡ଼େ ଘେରି ବସିଥାଆନ୍ତି, ଅଭିଜିତ, ରମେଶ ପଟ୍ଟନାୟକ, ହେମମାଳା ଓ ବୀରେନ୍ଦ୍ର । ହେମମାଳାଙ୍କ ଛଡ଼ା ଅନ୍ୟମାନେ ସିଗାରେଟ୍ ଟାଣୁଥାନ୍ତି । ହଠାତ୍ ହେମମାଳା ପଚାରିଲେ ବୀରେନ୍ଦ୍ରଙ୍କୁ ? 'ତମକୁ ଯିବାକୁ ଥିଲା ପରା ସେଇ କ୍ଲବ ଉଦ୍‌ଘାଟନ କରିବାକୁ ? ସେମାନେ ପୁଣି ଥରେ ଫୋନ କରିଥିଲେ' 'ଆରେ ସତେ ତ । କିନ୍ତୁ ଏଣେ ଯେ ଅଭିଜିତ ବାବୁଙ୍କୁ ଡାକି ଆଣିଲି ?'

'ମୋର ବିଶେଷ ଅସୁବିଧା ହେବନି—ଆପଣ ଆସନ୍ତୁ— କେତେବେଳେ ହେବ ?

'ବିଶେଷ ଆଉ କ'ଣ ? ଏଇ ସାତ ଦଶଟା କି ସାଢେଦଶଟା ହବ । କିନ୍ତୁ ତମେ ତ ଅଛ' । 'ମୁଁ ଅଭିଜିତ ବାବୁଙ୍କୁ ଖୁସି ରଖିବି—ତା'ଛଡ଼ା ରମେଶ ବାବୁ ତ ଅଛନ୍ତି' କଥାଟା ହାଣି କହିଲେ ହେମମାଳା ।

'ବେଶ୍ ବେଶ୍ ମୁଁ ତେବେ ଆସୁଚି—ସମୟ ବି ହେଇ-ଗଲାଣି ତ !'

'ତୁ ଆସିଲା ପର୍ଯ୍ୟନ୍ତ ନ ରହିଲେ ବି, ମୁଁ ଘଣ୍ଟାଏ ଦି'ଘଣ୍ଟା

# ନାରଜ

'ଅଚ୍ଛା !' ରମେଶ ବାବୁ କହିଲେ କଥା ମଝିରେ । ଏଥର ବୀରେନ୍ଦ୍ର ନାରାୟଣ ଉପରକୁ ଉଠିଗଲେ ଏବଂ କିଛି ସମୟ ପରେ ଅତି ଦାମି ସୁଟ୍ ପିନ୍ଧି ବାହାରି ଆସିଲେ ।

'ମୁଁ ତେବେ ଚାଲିଲି କୁନି ?' ହେମମାଳାଙ୍କର ଉଜ୍ଜ୍ୱଳ ଗାଲରେ ହାତ ମାରି କହିଲେ ବୀରେନ୍ଦ୍ର ।

'ଜଲ୍ଦି ଆସିବ କିନ୍ତୁ !'

'ନିଶ୍ଚୟ, ନିଶ୍ଚୟ' କହି କାରର କବାଟ ଭିତର ଦେଇ ବାହାରିଗଲେ ବୀରେନ୍ଦ୍ର ନାରାୟଣ ।

ଅଭିଜିତକୁ ମଝିରେ ମଝିରେ କେମିତି ଅଛନ୍ତି ବୋଲି ପ୍ରଶ୍ନ କରିଦେଇ ହେମମାଳା ଓ ରମେଶ ବାବୁ ନାନା ଗଳ୍ପ କରିବାକୁ ଲାଗିଲେ । ରାଜନୀତି, ବ୍ୟବସାୟ, ଯୌନତତ୍ତ୍ୱ, ବହୁ ପ୍ରକାର କଥା । ଅଭିଜିତ ଗୋଟିଏ ସୋଫାରେ ବସି ଖଣ୍ଡେ ପତ୍ରିକାରେ ମନୋନିବେଶ କରି ଶୁଣିଲା ଏସବୁ କଥା । ତା'ର ଲେଖା ପାଇଁ ଯଦି କିଛି ଦରକାର ପଡ଼େ । ହେମମାଳା ଗୋଟାଏ କିଛି ନାଲି ପାନୀୟ ଆଣି ଟେବୁଲ ଉପରେ ରଖିଲେ । ଅଭିଜିତ ପତ୍ରିକା କଣରୁ କଟେଇ ଚାହିଁଲା । ଲାଲରଙ୍ଗ । ବେଶ୍ ଚମତ୍କାର ଦିଶୁଛି । ହୁଏତ ମଦ ହୋଇପାରେ ବା ଆଉ କିଛି ।

'ବୁଝିଲେ ଅଭିଜିତ ବାବୁ, ବୀରେନ୍ଦ୍ର ଓ ରମେଶ ବାବୁଙ୍କର ଏ ଗୁଡ଼ାକ ସବୁ ଏକଚାଟିଆ ଅଧିକାର । ବେଶୀ ପରିଶ୍ରମ କଲେବି ପ୍ରକୃତରେ ଏସବୁ ଦରକାର ପଡ଼େ — କଣ ଆପଣଙ୍କର ହୁଏ ?

'ନା,' କେମିତି ସଲଜ୍ଜ ଭାବ ଫୁଟେଇ କହିଲା ଅଭିଜିତ ।

ରମେଶବାବୁ ଏକୁଟିଆ ଖରାପ ଅନୁଭବ କରୁଛନ୍ତି, ତେଣୁ··· ହେମମାଳା ବୁଝେଇ ଦେଲେ

'ହଁ, ହଁ, ମୋର ଅପତ୍ତି ନାହିଁ ।' ଅଭିଜିତ କହିଲା । 'ମୋର କିନ୍ତୁ ଆପତ୍ତି ଅଛି 'ରମେଶ ବାବୁ କହିଲେ' ଆପଣ ନ ଖାଇଲେ ମୁଁ ଖାଇବିନି ତ । ଅପଣ ବୀରେନ୍ଦ୍ରର ଅତିଥି'—

ଛୋଟ ଛୋଟ ଗ୍ଲାସରେ ବିଭିନ୍ନ ରକମର ଜିନିଷ ସିଙ୍ଗ ଓ ରକ୍ତବର୍ଣ୍ଣର ମଦ, ଫେନାୟିମାନ କରି ରଖିଛନ୍ତି ହେମମାଳା । ନିଷ୍ଟିମ୍ଭ ଅଭ୍ୟସ୍ତ ଭାବିଲା ଅଭିଜିତ । ଅଳ୍ପ ଦାମିକା ସାମ୍ବାଦିକ ଜୀବନରେ ତା'ର ଏ ସୌଭାଗ୍ୟ କେବେ ମିଳିବନି । କିନ୍ତୁ ମୀତର ହାମ୍ବି ଦେଖାଇ କେବେ ମଦ ଗ୍ଭଖିନି ବୋଲି କହୁଥିବା ନୀତିଜ୍ଞ-ମାନଙ୍କ ଭିତରୁ ଅଭିଜିତ ଜଣେ ନୁହେଁ ।

'ଦିଅନ୍ତୁ'—

ଏଇ ଯେ କଥା'—ରମେଶ ବାବୁ ଖୁସିରେ ମାତାଲଟିଏ ଭଳି କହିଲେ । ଦୁହେଁ ତାପରେ ଦୁଗ୍ଲାସ ପିଇଲା ପରେ ରମେଶବାବୁ ପିଇଲାଗିଲେ ।

—ହେମ ତମେ ଦେଖନା, କିଛି ହବନି, କେବଳ ଟିକେ ସ୍ୱାସ୍ଥ୍ୟ ପାଇଁ ହଉ—

ନାଁ ନାଁ' ବୀରେନ୍ଦ୍ର ଶୁଣିଲେ" କହିଲେ ହେମମାଳା ଓ ଉତ୍ତରରେ 'ଓଃ, କେହି ଜାଣିବେନି, ତମେ ଶୋଇପଡ଼ିବ, ପିଅ ।" କହିଲେ ରମେଶଚନ୍ଦ୍ର

ଏକରକମ କୁଣ୍ଢାଇଧରି ହେମମାଳାଙ୍କୁ ପିଆଇଦେଲେ ରମେଶ

ଚନ୍ଦ୍ର । ତା”ପରେ ସ୍ମିତା ଝିଅ ବା ବିଶ୍ୱସ୍ତ ପ୍ରେମିକାଟିଏ ଭଳି ହେମମାଳା ରମେଶ ଚନ୍ଦ୍ରଙ୍କର ଖଦଡ ପଞ୍ଜାବୀରେ ମୁହଁ ପୋଛିଲେ ଓ ଠିକ୍ ବୀରେନ୍ଦ୍ରଙ୍କ ଭଳି ହେମଙ୍କର ଗାଲ ଥାପୁଡ଼ାଇ ଦେଲେ ରମେଶ ପଟ୍ଟନାୟକ । ସାଧାରଣ ଜୀବନରେ ବା ମଧ୍ୟବିତ୍ତର ଜୀବନରେ ଏ ଘଟଣା ଏକ ଖରାପ ଗଳ୍ପ ରହିଗଲା ଭଳି ହୋଇ ଥିଲେବି, ଅଭିଜିତ ବିଶେଷ କିଛି ଭାବିଲା ନାହିଁ । କାରଣ ଏ ଜୀବନ ସହିତ ପରିଚୟ ତା”ର ପ୍ରଥମ । ତା”ର ନିଜ ଘରକରଣାର ହେମମାଳା ବା ତାର ନିଜର ବନ୍ଧୁ ରମେଶଙ୍କର ଜୀବନରେ ଏ ଦୁର୍ଭାଗ୍ୟ କେବେ ଆସିବନି ଏକଥା ସେ ଜାଣିଥିଲେ ବି, ଭାବିଲା ଏ ଜୀବନରେ ଏଇଟା ନାଟକ ବନ୍ଧୁତା ବି ହୋଇପାରେ ।

ରାଜନୀତିର କଥା ଓ ପୁରୁଣା ରାସକ୍ରୀଡ଼ାର କଥା କହି ହେମମାଳା ଓ ରମେଶ ଚନ୍ଦ୍ର ମଝିରେ ମଝିରେ ଅଭିଜିତକୁ ଅନୁରୋଧ କରି କରି ବୋତଲଟି ନିଃଶେଷ କରିଦେଲେ ।

ରେକର୍ଡଟାକୁ ଫିଟେଇ ଦେଲେ ଅଭିଜିତ ବାବୁ, ଗୋଟାଏ ବିଦେଶୀ ଫ୍ୟାସନ ଦିଅନ୍ତୁ । ଆମେ ଡାନ୍ସ କରିବା—ନାଁ କଣ ରମେଶ ବାବୁ ।”

ଅଭିଜିତ ଆଜ୍ଞା ପାଳନ କଲା ଓ ହେମମାଳା ସ୍ଖଳିତ ପାଦ, ଶ୍ଳଥବସନା ହୋଇ ରମେଶଚନ୍ଦ୍ରଙ୍କୁ ଅଶ୍ଳୀଳ ଭାବରେ କୁଣ୍ଢାଇ ଧରି ବିଦେଶୀ ସ୍ୱରର ତାଳେ ତାଳେ ନିଜର ହାଇହିଲ୍ ମିଶାଇଲେ ।

ଅଭିଜିତ ଜାଣିଲା ସେ ଏ ନୃତ୍ୟରେ ଅଭ୍ୟସ୍ତା ଓ ପାନରେ ମଧ୍ୟ ନିପୁଣା । କାରଣ, ସେମାନଙ୍କ ତୁଳନାରେ ଅତି ସାମାନ୍ୟ ଖାଇଥିଲେ ସୁଦ୍ଧା ତା’ର ମୁଣ୍ଡ ଝାଙ୍କୁଥିଲା ଖୁବ୍ ଜୋରରେ ।

ସମାନେ ବହ୍ନିଚନ୍ଦ୍ର ଅଣତରଙ୍ଗି

# କାରକ

ଏକ ସଂଗୀତମୟ ସୁରରେ କାନ୍ଥଘଣ୍ଟା ନଅଟା ବାଜିବାର ସଂକେତ ଦେଲା ଓ ରମେଶଚନ୍ଦ୍ର, ଏକ ଜରୁରୀ ରାଜନୈତିକ ମିଟିଂ ଥିବାର କହି ବିଦାୟ ନେଲେ । ଅପନ୍ନ ପଡିଥିବା ମଦର ଛିଟା ସବୁ ସୁନ୍ଦର ଭେଲଭେଟ୍ କନାରେ ପୋଛି ସଫାକରି ଦେଲେ ହେମମାଳା । ବୋତଲଟା ଥୋଇ ଦେଇ ଆସିଲେ । ଏଥର ଆସି ଅଭିଜିତ ଆଗରେ ବସିଲେ ।

'ହଁ' ହ୍ୱାଇଟ ହସ । 'ଧଇଚ ଜୋରରେ”—

ଅଭିଜିତ କେବଳ ଗୁହ୍ନିଁ ଚଢ଼ିଲା । 'ଅରେ ଅପଣଙ୍କର ସିଗାରେଟ ଦରକାର ପଡିବଣି ଓ ନଥିବ ପାଖରେ” ବୋଲି କହି ହେମମାଳା ଗୋଟାଏ ନା ଧରି ଡ଼ାକିଲେ ଓ ସେ ଏକ ଦାମୀ ଏକ୍ସପ୍ରେସ ଟିଣ ଥୋଇଲା ଟେବୁଲରେ । ଅଭିଜିତ ନିଜର ଆବଶ୍ୟକତା ପୂରଣ କଲା ।

'ଅପଣ ବଡ଼ ଖରାପ ଭାବୁଚନ୍ତି ନାଁ । ?

'ନାଁ । ସେପରିତ କିଛି ମୁଁ ଭାବୁନି, କାରଣ” ମୁଁ କହୁଦଉଚ, କାରଣ ଏ ଜୀବନ ସହିତ ଅପଣଙ୍କର ସଂପୃକ୍ତ ନାହିଁ ବା ଅଭିଜ୍ଞତା ମଧ୍ୟ ନାହିଁ”

'ପ୍ରାୟ ସେଇଆ” ସଂଯତ ଗଳାରେ ଅଭିଜିତ କହିଲା ।

'ଆପଣ କଣ ଯାହାସବୁ ଦେଖିଲେ, ସେଥିରେ ବିଶ୍ୱାସ କରନ୍ତି ଆଉ ଭାବୁଚନ୍ତି ମୁଁ ବୀରେନ୍ଦ୍ରଙ୍କୁ ଭଲପାଏ ?'

,ହଁ,'

'ନାଁ, ଆପଣ ସେଇମାନଙ୍କ ଭିତରୁ ଜଣେ ଯିଏ ମାନସ

ମିଳନରେ ବିଶ୍ୱାସ କରନ୍ତି । କିନ୍ତୁ···"ହେମମାଳା ପ୍ରାୟ କାନ୍ଦି ପକେଇଲେ ।

‘ବିବାହ କଲେ କାହିଁକି ?"

‘ମୁଁ ସାନପିଲା ଥିଲି ଓ ବିଶ୍ୱାସ କରୁଥିଲି ବୀରେନ୍ଦ୍ରର ମହାନ ବ୍ୟକ୍ତିତ୍ୱ ଉପରେ । ମୋ'ର ସଙ୍ଗୀତ ଉପରେ । ଆଉ ସିଏ ମୋ ଭଉଣୀକୁ ଭଲପାଉ ଥିଲା'—ପ୍ରାୟ ଏକାଦମରେ ସବୁ କହିଗଲେ ସେ ।

‘ଆପଣ କଣ ଅସୁଖୀ ?

‘ଆପଣ କିନ୍ତୁ ବଡ଼ ବୋକା , ଅଭିଜିତ ବାବୁ, ଖରାପ ଭାବନ୍ତୁ ନାହିଁ—ମୁଁ କଳାକାର ଥିଲି, ବହୁତ ଆଶା କରୁଥିଲି, ଜୀବନରେ ମୋର ଅଭିଳାଷ ଥିଲା" । ଆଜି ସବୁ ଜାଳିପୋଡ଼ି, ବୀରେନ୍ଦ୍ରଙ୍କର ପିଲା ପାଳିବା କଣ ମୋର କର୍ତ୍ତବ୍ୟ କେବଳ'— ?

‘ଆପଣ ପ୍ରତିବାଦ କରୁ ନାହାନ୍ତି" ?

‘କାରଣ ମୁଁ ନାରୀ—ବୀରେନ୍ଦ୍ର ଆଜି ହୁଏତ କୋଉଠି ଯାଇ ବସି·····ଗୁଡ଼ନ୍ତୁ ମୋ ମୁଣ୍ଡ ଫେରିଲାଣି—ମୁଁ ବାହାରକୁ ଯାଇ ପାରେନା, ଏଇ ପ୍ରେମନୀଡ଼ ଭିତରେ ବନ୍ଦୀ । —

ବୀରେନ୍ଦ୍ର ବାବୁ ତେବେ···କହିଗଲି ଅଭିଜିତ—

‘ହଁ ହଁ ସେ ବି ମଦ୍ୟପ, ମୁଁ ବି ମଦ୍ୟପ—ମୁଁ ରାଣୀ, ରାଜମାତା—ସିଏ ବୀରେନ୍ଦ୍ର ନାରାୟଣ ବର୍ମା···ରାଜା ସାହେବ, ସଙ୍ଗୀତଜ୍ଞ ବ୍ୟବସାୟୀ—ସବୁ ସେ । କିନ୍ତୁ ଜୀବନ କାହିଁ ସ୍ୱା" ଭିତରେ ? ସେଇଥିପାଇଁ ମୁଁ ଆକାଶ ଆଉ ଧରଣୀ ଦୁହିଁଙ୍କୁ ଦୂରେଇ ରଖିଛି—ସେମାନେ ଯେମିତି ଏକାଠି ନହୁଅନ୍ତି"—

ମୁଁ କିନ୍ତୁ ଭାବିପାରୁନି କାହିଁ”—

କଣ ଲେଖିବେ ଦାଗନ୍ଧବରେ ?—ମୁଁ ଜାଣେ ଆପଣଙ୍କର ସେ ସାହସ ନାହିଁ, ବୀରେନ୍ଦ୍ର ବିରୁଦ୍ଧରେ ଲେଖିବେ । କାରଣ ସମ୍ପାଦକ ଆପଣଙ୍କର ତାଙ୍କଠୁଁ ଟଙ୍କା ପାଆନ୍ତି—

‘ମୁଁ ଜାଣେ’ ଗମ୍ଭୀର ହୋଇ କହିଲା ଅଭିଜିତ୍ ।

‘ଅଥ ଅପଣ ଏତେକଥା ଦେଖି ସୁଦ୍ଧା, ଜାଣିସୁଦ୍ଧା, ନୀରବରେ”—

‘ହୁଁ”—ଅଧିକ ଗମ୍ଭୀର ହେଲା ଅଭିଜିତ ।

ଘଣ୍ଟା ବାଜି ଗଲାଣି—ବୀରେନ୍ଦ୍ର ଆସୁଥିବେ ହେମମାଳା ଏଥର ଚଞ୍ଚଳ ହୋଇ ଉଠିଲେ ।

‘ଦେଖନ୍ତୁ, ମୁଁ ଯାଉଚି, ଶୋଇ ପଡ଼ିବି ଉପରେ । ସିଏ ଆସିଲେ କହିଦେବେ, ମୋ ମୁଣ୍ଡ ଧରିଚି, ଆପଣଙ୍କର କଷ୍ଟପାଇଁ ଆପଣଙ୍କୁ ଧନ୍ୟବାଦ”—

ଥର ଥର ପାଦରେ ହେମମାଳା ପାହାଚ ଉପରକୁ ଚଢ଼ି ଚଢ଼ି ଅଦୃଶ୍ୟ ହୋଇଗଲା। ଆଉ, ବୟୁରର ଆସି ଅଭିଜିତଙ୍କୁ ଡ୍ରାଇଙ୍ଗ ହଲକୁ ନେଇଗଲା । ଡ୍ରାଇଙ୍ଗ ହଲରୁ ଫେରି, ସିଗାରେଟ ଧରାଇଛି ଅଭିଜିତ ହର୍ଣ୍ଣ ଶୁଭିଲା ଅଉ ଥରଥର ପାଦରେ ପଶିଲେ ବୀରେନ୍ଦ୍ର ନାରାୟଣ । କିନ୍ତୁ ସେ ସଂଯତ ।

‘କଣ ଅଭିଜିତ, ଭଲତ ? ହେମମାଳା କଣ ତମକୁ ଏକା ଛାଡ଼ିଦେଇ ଯାଇଚି ?

‘ତାଙ୍କ ଦେହ ଖରାପ, ମୁଣ୍ଡ ଧରିଚି, ଶୋଇଚନ୍ତି ସମ୍ଭବତ ।

‘ତାଙ୍କୁ କେତେଦିନ ହେଲା ଏମିତି ଗୋଟାଏ ଧରୁଚି

କଉଣି                                                  ଏମାନେ ବର୍ଷିଚନ୍ତି

ଦେଖୁଛି, ସର୍ଜନଙ୍କୁ ଜଣାଇବାକୁ ପଡ଼ିବ—ହଁ ତମେ ସବୁ ସାରିଲଣିତ ? ବୋଧେ ତମେ ଅମ କଥା ଏଥର ଲେଖିପାରିବ ସ୍ୱଚ୍ଛନ୍ଦରେ ?

'ହଁ, ଆଉ ଜାଣିବାକୁ କିଛି ବାକି ନାହିଁ' ମନେ ମନେ ହସିଲା ଅଭିଜିତ ।

'ହେମମାଳା ତମଙ୍କୁ ଟିକିନିଖି ସବୁ ଦେଖାଇଥିବ ।"

'ହଁ ।"

'ଶୋଇବ ଏଥର ?'

'ହଁ—

ଜଣେ ବିଅରର୍‌କୁ ଡାକି ଗୋଟାଏ ଚମତ୍କାର ବଖରାକୁ ଅଭିଜିତଙ୍କୁ ପଠାଇଦେଲ ବୀରେନ୍ଦ୍ର, ରବର ଗଦିରେ ପଡ଼ି, କିଛି ଭାବିବା ଆଗରୁ ନିଦ ଆସିଗଲା ଅଭିଜିତ ଆଖିକୁ । ସେଇ ଶୋଇ ପଡ଼ିଲା ।

ସକାଳୁ ବିଶେଷ କିଛି ଘଟଣା ଘଟିନି । ଅଭିଜିତ ନୀରବରେ ନିତ୍ୟ କାମ ସାରିଲା ଓ ଅସୁବିଧା ଭୋଗିନି—କିନ୍ତୁ ହେମମାଳାଙ୍କୁ ଦେଖିନି । ଏଥର ବାହାରିବାକୁ ପଡ଼ିବ । ବୀରେନ୍ଦ୍ର ଡାକିଲେ ଆଉ କହିଲେ ।

'ହେମ ବେଣୀ ଡେରିଯାଏ ଶୁଏ, ତାକୁ ଉଠାଇବା ନାହିଁ'—

'ଦରକାର ନାହିଁ"—କହୁ କହୁ ହେମମାଳା ନିଜେ ବାହାରି ଆସିଲେ, ଧଳା ଦାମିକା ଶାଢ଼ୀ ଓ ବ୍ଲାଉଜ ପିନ୍ଧି । ମୁହଁ ଉପରେ ଗତ ରାତ୍ରିର ନିଦ୍ରା ଛାପ ସ୍ପଷ୍ଟ ।

'ମୁଁ ଗୁଲଲି କୁନି" – ବୀରେନ୍ଦ୍ର କହୁଲେ,

'ଗୁନୁ'...ଏଥର ଜାରଟରେ ବସିଲେ ଅଭିଜିତ ଓ ବୀରେନ୍ଦ୍ର ଜାର ଗଡ ବଢାଇବା ଆଗରୁ ଅଭିଜିତ କହୁଲା –

'ନମସ୍କାର' –

'ନମସ୍କାର' – ହସ ଫୁଟୁନି କନୁ ସେ ଚେଷ୍ଟା କରୁଚନ୍ତି । ପୁଣି ବୀରେନ୍ଦ୍ର କହୁଲେ 'କୁନି'

'ଗୁନୁ'...ଜାର ବେଗବାନ ହେଲା । ହେମମାଳା ହାତ ହଲାଉ ଥାଅନ୍ତି ।

## ଜାରଜ

ଝିଂକାରି ସବୁଜ, ବେଙ୍ଗ କୋବଉଛି । ଜହ୍ନ ଅଳ୍ପଅଳ୍ପ ନେସିହେଇଛି ଗଛ ଗୁଡ଼ାକରେ—ଗଛ ଲତା, ବୁଦା ସବୁ ଛୁପା ପାଲଟି ଯାଇଛି । ଡର ଲାଗୁଛି । ବାଉଁଶ ବୁଦା ଅନ୍ଧ ତୋଟା ଗହଳ ଫାଙ୍କରେ ଗୁଁଢ ପଡ଼ ଝିପିଝିପିକା ଛଡ଼ଭଳି ଦେଖା ଯାଉଚି । ଜନୁଜୁନ୍ତା ଖସ୍ ଖସ୍ ହେଇ ଗୁଲି ଯାଉଚନ୍ତି ଶୁଖିଲା ପତ୍ର ଭିତରେ—ଝଁର ଝର ହେଇ ଶୁଖିଲ ପତ୍ର ଗଛରୁ ଝଡ଼ୁଚି । ରାତି ସବୁ ଆସିଲଣିକି କଣ—ଜାଉ ଗୋଟାଏ ଗୋଟାଏ ବୁଢ଼ି

# କାରକ

କପାଳ ଫାଟିକରି ରଡ଼ୁଛନ୍ତି, ପୁଣି ଭୁକା ହେଇ ଯାଉଚନ୍ତି ।

ରାମ ନାହାକ ଘରୁ ଆଲୁଅ ରେଖାଟାଏ ସରୁହେଇ ବାହାରକୁ ପଡ଼ୁଚି—ମଝିରେ ମଝିରେ ସେଇଟା ବନ୍ଦହେଇ ଯାଉଚି—ପୁଣି ଦେଖା ଯାଉଚି । ଗୁମ୍ଫା ଗଳାରେ କିଏ କାନ୍ଦୁଚି । ଖୁବ ଦୁଃଖରେ କାନ୍ଦିଲା ଭଳି ଲାଗୁଚି । ଜଣେ କିଏ ସ୍ତ୍ରୀ ଲୋକ ରାମ ନାହାକ ଘରେ ଦୁଃଖ ପାଉଚି ।

ରାତି ସେମିତି ସନା ସମାନ୍ତ ବଢ଼ି ଯାଉଚି—ଏଥର ଗୋଟାଏ ଜଣିକିଆ ହେଇ କୁଆଁ ଭଙ୍ଗାଟା ଉଠିଗଲା । ଦୂର ଗାଁରୁ ଦଳେ ସଂକୀର୍ତ୍ତନ କରୁଚନ୍ତି । ଖୁବଧୀରେ ଧୀରେ ତାଙ୍କ ଗୀତ ଶୁଭୁଚି । କାହା ଘରେ କିଏ ବସି କଥା କହୁଚି, ଶୁଭୁଚି ।

ଗୁରୁଭକ୍ତକୁ ଭଲକରି ଆଖି ପକେଇ ନେଇ ସାବଧାନ ହେଇ ନେଇ କବାଟ ମେଲେଇଲା—ବାହାରକୁ ଆସିଲା । ଗୋଟାଏ ଆଲୁଅ ଆଣିଥିଲା—ଥୋଇ ଦେଇ ଆସିଲା ଫେରିଯାଇ । ସେ ସ୍ତ୍ରୀ ଲୋକଟି ବୋଧେ ଖଲାସ ହେଇ ଗଲାଣି । ଗୁମୁର ଗୁମୁର ରହୁବା ଛଡ଼ା ଆଉ ଦୁଃଖ ପାଇବା ବେଳର ପାଟି ଶୁଭୁନି । ସେଇଟା ପୁଣି ବଡ଼େ ବେଳ କାନେଇଲେ ଜଣା ପଡ଼ୁଚି । ଗଂଗାଟାଏ ମୋଡ଼ିଲା ଭଳି ଭଣି ଗୋଟାଏ, କେଁ ଭିନା ହେଲା—ପୁଣି ସବୁ ନିଶୁନ୍— ନିଶବ୍ଦ । କିଛି ସମୟ ଗଲାପରେ ନେଇ ପୁଣି ରାମ ନହାକ ଘରୁ ବାହାରିଲା—ଗୋଟାଏ ହାଣ୍ଡିରେ ପଲମ ଢୋଡା ହୋଇଚି । ଅଧାର ହାଣ୍ଡି ଭଳି ଦିଶୁଚି । କାନକାନ ହେଇ ଗୁହ୍ନ

ନେଡ଼ ବୁଦୁବୁଦୁକଅ ଅବାଟରେ ଗୁଳିଲା—ଭଲ ଦେଖା ଯାଉନ । ଖସ୍‌ଭର୍ ଜଣ ଗୋଟାଏ ଚାଲିଗଲା । ବୁଲିପଡ଼ି ନେଡ଼ ଗୁହାଁଲା—ପୁଣି ଧୀରେ ଧୀରେ ପାଦଗୁପି ଅଗେଇଲା ଯେମିତି ଖସ୍ ଖସ୍ ଆଉ ନ ଶୁଭିବ । ଅଗରେ ଗୋଟାଏ ପୋଖରୀ—ସେଇଠି ଟିକେ ବାଙ୍କ ମୋଡ଼ିଗଲେ ଗୋଟାଏ ବାଉଣ୍ଡ ସାହୁ । ଗୋଟାଏ ଗଂଜା ଡାକ ଉଠିଲା - ପାହାନ୍ତା ହେଇ ଯିବ ଆଉ ଘଣ୍ଟାଏ ଗଲେ । ଚମକି ପଡ଼ିଲା ନେଡ଼ ।

କୁଆଁ ତରାର ବର୍ଣ୍ଣ ମଉଳି ଆସୁଚି ।

ବାଟକୁ ଛାଡ଼ି ଅବାଟରେ ପଶିଲା ନେଡ଼—ଜଡ଼ିକୁ ବୁଲିଯାଇ ସେଇ ପୋଖରୀରେ ପଶିଲା—ପୋଖରୀ ନୁହଁ ତ ଗୋଟେ ବଡ଼ ଡୋବ—ଏବେ ଛୋଟ ଛୋଟ ହେଇ ଯାଇଚି । ଅଣ୍ଟୁଠରେ ପଶିଲା—ହାଣ୍ଡିଟା ମାଡ଼ି ଦେଲା—ଗୁରୁଆଡ଼କୁ ଅନେଇଲା । ଉଟା ଖଣ୍ଡେ ଖୋଳିଲା । ଛାଡ଼ି ଅସିଚି ଭରବରରେ । ମେଞ୍ଚାଏ ପଙ୍କ ଆଉ ଦଳ ମିଶାମିଶିକରି ଆଣି ମାଡ଼ିଦେଲା ତା ଉପରେ—ତାଉପରେ ଆଉରି ମେଞ୍ଚାଏ, ଆଉରି ମେଞ୍ଚାଏ । ଦୂରର କଳକଣ୍ଠଦଳକୁ ହାତରେ ଭୋଷାରି ଆଣି ତା'ରି ପାଖରେ ଛାଡ଼ିଦେଲା ଖାଲିପାଣି ଦୁଶୁଥିବା ଜାଗାରେ—ଯେମିତି ଚଦା ମୁଣ୍ଡରେ ବାଳ ରୋଇଲା । ପାଦ ଝୁଆଁଇ ଝୁଆଁଇ ବାହାରିଲା—ପାଣିକି ବୁଲିପଡ଼ି ଅନେଇଲା—ଜଣାଯାଉଚି କି ନାହିଁ ବୋଲି । ଉପରେ ପାଦ ପୋଛିଲା ଜାନରେ । ଫେରିଲା ଏଥର ।

ଜାଲୁହା ଜାଲୁହା ଲାଗୁଚି । ସକାଳ ହେଇଯିବ । ଜହ୍ନଟା ଆକାଶ କଣରେ ଝୁଲୁଚି ସଉକ୍ଷ ବତୀଟାଏ ଲିଭେଇ ଦବାକୁ

## ଜାରଜ

କିଏ ଭୁଲିଯାଇଛି । ରାତିର ଗମ୍ଭୀର ଅନ୍ଧ ଜଣା ଯାଉନି ।

ଅଧିକା କବାଟ ମେଲେଇ ନେଡ ପଶିଗଲା । ପୁଣି ବାହାରି ଆସିଲା । ଅନ୍ୟ ଗୋଟାଏ ଚାଟରେ ଗଲା । ପଛରୁ କିଏ ଜଣେ କବାଟ କିଳିଦେଲା । ନେଡ ଡାକି ବୁଲିଲା । ଅଂଧାରୁଆ ଗାଁ ଦାଣ୍ଡରେ ମିଶିଗଲା । ଦେଖା ଗଲାନି ।

\+ \+ \+ \+

ଫୁଲିଯାଇଛି ଶବଟା । କଅଁଳା ଛୁଆଟା ହଣ୍ଡିରେ ଭଁଟେ ପୋଟାର କଟା ଦାଗ । ଜନ୍ମଦେଲା ମାଆ କିଏ ଛୁଆଟି ବସେଇଛି । ମୁହଁମାଡ଼ି ପଡ଼ିଛି ପିଲାଟା । ହାଣ୍ଡି ଭାସୁଥିଲା ସକାଳୁ ପାଣି ପଶି ବୁଡ଼ିଗଲାଣି ।

ଲୋକେ ଜମାହୋଇ ଦେଖୁଛନ୍ତି । ଭଉଁରୀ ମାରି ବଡ଼ ବଡ଼ ମାଛ ଘୁମୁଛନ୍ତି ପିଲାଟାକୁ । ଲୋକେ ଫୁସୁରୁ ଫୁସୁର ହଉଛନ୍ତି । ଖୋଜୁଛନ୍ତି ଏହା ମା' ବାପ କିଏ ବୋଲି । ମାଇକିନା ଗୁଡ଼ାକ ମନେ ମନେ ଖୋଜୁଛନ୍ତି । ଠିକ୍ କରି ପାରୁନାହାନ୍ତି । ପୋଲିସ୍‌କୁ ଖବର ଗଲା—ପଞ୍ଚାୟତ ବାଲା ଆସିଲେ । ପାଖ ପାଖର ଗାଁ, ଇଏ ତାକୁ ସିଏ ଯାକୁ ଦୋଷ ଦେଲେ ।

ନଙ୍ଗଳା ପିଲାଟା । ବେଶ୍ ବଡ଼ ବଡ଼ ବାଳ । ଗୋରା । ଭଲ ମୋଟା ମୋଟି । ଗୋଟାଏ ଆଖି ଗୋଡ଼ ମାଛ ଖାଇ ଗଲେଣି ଦେଖା ଯାଉଛି । ମୁହଁ ସୁନ୍ଦର ହୋଇଥିବ । ଜଳ ପାଖରୁ ଉଡ଼ୁ-ଯାଉଛି । ପେଟେଇଛି । ପେଟେଇ ପେଟେଇ ଗୁଲୁ ଗୁଲୁ ଅଟକି ଯାଉଛି । ଜଳକୁ ମୁହଁମାଡ଼ି ଦେଇଛି । ଦଳ ଗୁଡ଼ାକ ଘୂରୁଛନ୍ତି

ଝେଲେଇ ହେଇଯାଉଛି । ମେଁଗୁଏ ମେଁଗୁଏ ଗୁହଳକଡ଼େ ତା'ର ଜମିଯାଉଛି ।

ଗାଁ ଚଉକୀଆ ନୀଳା ବସିଛି ଝେଇଟି, ଭେଡାଏ ନରା ଉପରେ । ଛାଙ୍କୁଇ ଅନେଇଛି । ଖଣ୍ଡେ ଠେଙ୍ଗା ପାଖରେ ଗଡୁଛି । ପିକା ଖଣ୍ଡେ ଲଗେଇଛି । ଉଭ୍ ଉଭ୍ ହୁଏଁ ଝୁଙ୍କୁଛି । ମନକୁ ମନ କଣ ଭାବୁଛି । ଗୋଟାଏ ଗୋଟାଏ ଲୋକ ଗୁଲୁଚନ୍ତି । ତାଂକୁ ଗୁହୁଁଛି । ପୁଣି ଜୋରକୁ ଦେଖୁଛି ।

ବୁଧାଏ ଉଷୁମ ପାଣି ତା'ହାତ ପାପୁଲିରେ ପଡ଼ିଗଲା । କାନ୍ଦ ଗୁପିଦେଲା ସେ ଆଖିରେ । ମୁଣ୍ଡ ଉପରକୁ ଉଠେଇ ଦେଲା । ଏକା ଦମ୍‌ରେ ପିକାଟାକୁ ଶେଷ କରିଦେଲା ଭଳି ଧମେ ଟାଣିନେଲା ଖୁବ୍ ଜୋରରେ ।

× × × ×

ପଶୁ ଖେଳୁଥିଲା । ବୁଲୁଥିଲା ଏଘରୁ ସେ ଘର । ଖରାଦିନେ ଧଳା ଟିପି ଟିପି କେରାଣ୍ଡି ଦରାଣ୍ଡେ, ଅମ୍ବ ଡାଳରେ ଚୋପଡ଼ ପକେଇ । ଧଡ଼ଲୁ ଲୁଗା ଖଟେଇ ବର୍ଷାରେ ପାଣିମାଡ଼ ଖାଉଛି ସେ । ଶୀତରେ କମ୍ବଳ ଘୋଡେଇ ହେଇ ଲେଖା ଯୋଖା ଆଈମା ଠୁଁ, ଅସୁର ଘରେ ବନ୍ଦିନୀ ରାଜକୁମାର କରୁଣ କାହାଣୀ ଶୁଣିଛି— ରଙ୍ଗଦୋଳି ଖେଳରେ, ପୁଚି ଖେଳରେ, ଭାଲୁକୁଣୀ ପୂଜାଦିନ ସାହି ସାହି ଗୀତବୋଲି ବଳି ଲଗେଇବାରେ ଜୀବନର ସବୁଠୁଁ ବେଶୀ ଆନନ୍ଦ ସେ ଅନୁଭବ କରିଛି ।

ତାକୁ ବିଭା ହବାକୁ ପଡ଼ିଲା ଦିନେ । ସାନଭାଇ ଅଉ ବାପା । ଏଇ ତା'ର ସବୁ । ତାଙ୍କୁଇ ସାଙ୍ଗରେ ଧରି ଶଗଡ଼ରେ ବସି ଶାଶୁ

ଘରକୁ ଗଲା । ମରାଗର ତାଙ୍କ ସହିତ ତା'ବାହାଘର । ତୋଳା କନ୍ୟା । ବାପା ନେଇଯାଏ ଝିଅକୁ । ପୁଅଘରେ ବାହାଘର କାମ କଢ଼େ । ତା'ପରେ ସମସ୍ତେ ଝିଅକୁ ଛାଡ଼ି ଆସନ୍ତି । ଆଖିରେ ଅଖିଏ ଲୁହ, ମନରେ ମନେ କୋହଧରି ପଣ୍ଡା ଶଗଡରେ ବସିଲା । ସାଙ୍ଗରେ ଘୋଷଟଭାଇ ପଛରେ ଗୁଲିଗୁଲି ରାମନାହାକ ଅସୁଚି । ବାପାସେ ।

ପଣ୍ଡାକୁ ମରାଗ ଗାଁରେ ଛାଡ଼ିଦେଇ ସମସ୍ତେ ଫେରି ଆସିଲେ । ପରୀ ରହିଗଲା । ସବୁଦିନ ପାଇଁ ସାଥୀ ସଂଗାତକୁ ଛାଡ଼ି, ବାପା ଭାଇଙ୍କୁ ପରକରି, ଗାଁ ଘର ଛାଡ଼ି ଅନ୍ୟଙ୍କୁ ନିଜର କଲା । ଜାଣିଥିଲା ଅନ୍ୟଙ୍କର ବି ଏମିତି ବାହାଘର ହୁଏ । ତା'ର ବି ହେଲା । କାନ୍ଦ କାନ୍ଦ ବଳେ ଭୁଲି ହେଲା ।

ହାର, ରେମୀ, ପୁନି, ବୁଲେଇ ନାନୀ, ଶରଧା ସଭିଙ୍କୁ ଛାଡ଼ି, ବାପ ଭାଇଙ୍କୁ ପରକରି, ତାକକୁ ଧରି ପରୀ ଘରକଲା—ଅସୁର ବଳ ତାଙ୍କର—ମୋଟା ସୋଟା—ପଅହତା ମରଦ । ସବୁ କାମକୁ ପାରଗ । ବାଁ ଆଖି ଉପରକୁ କପାଳରେ ଗୋଟାଏ କାଟାଦାଗ—ତାକ ଛାତିରେ ମୁହଁ ଗୁଂଜିଦେଲେ ପରୀ ଯେମିତି ଦୁନିଆ ଭୁଲିଯାଏ । ତାକ ଭିତରେ ଦୁନିଆକୁ ଦେଖେ ପରୀ ଆଉ ଦୁନିଆ ଭିତରେ ତାକକୁହିଁ କେବଳ ଦେଖେ ।

ତାକ କିନ୍ତୁ ପରୀକି ନ ଅନେଇ ଜଗତକୁ ଦେଖିଲା—ବେଶୀ ପଇସା ପାଇବ, ଦେଶ ବୁଲିବ—ନୂଆ ମଣିଷ ହେବ—ସେଥିପାଇଁ ଯୁଦ୍ଧରେ ଗଲା । ଭଲି ଭଲି ଦେଶ ବୁଲିଲା । ନାନା କଥା ଶିଖିଲା । ହେରେକ୍ କିସମର ଫୁଲ ଦେଖି, ନିଜବଗିଚାର ଗୋଟିଏ ଫୁଲ ମଉଳିଗଲାଣି କି ନାହିଁ ତା' ଭାବିଲାନି ।

# ଜାରଜ

ବାଜା ଗଲାବେଳକୁ ପରୀ ପେଟରେ ବାଜାର ସନ୍ତାନ । ଓପେଟ ଭିତରେ ବୁଲିବୁଲି ବାହାରିବାକୁ ବାଟ ଖୋଜୁଛି । ସତେକି ବାହାରି ପଡ଼ିଲେ ଏଇନେ ପୃଥ୍ୱୀ ଖେଦିଦେବ । ମୁଣ୍ଡିଆ ମାରି ମାରି ମା'କୁ ତାର ବ୍ୟସ୍ତ କରୁଛି—

ସେ ବାଟ ଖୋଜି ପାଇଲା । ବାଜା ନାହିଁ । ସାତ ସମୁଦ୍ର ତେର ନଈ ପାରି ଭୋଟ ମୁଲକରେ ଶତ୍ରୁ ଦଳର ଗୋଳା ବାରୁଦ ଭିତରେ ସେ ସବୁ କଳା ଧୂଆଁ ଭଳି ଦେଖୁଛି । ପରୀ ଆଉ ବାଟ ଖୋଜି ପାଇଲାନି କିନ୍ତୁ । ତିନି ଚାରି ମାସର ଝିଅକୁ ଧରି ଫେରିଲା ତା' ଗାଁ, ନାମ ସାହିକୁ । ବାପ ବୁଢ଼ା—ସାନ ଭାଇ ଟିକେ ବଡ଼ ହୋଇ ଯାଇଛି । ରାମ ନାହାକର ଧଳାବାଇ ଦେଖି ଦେଖି ପରୀ ଅପେକ୍ଷା କଲା—ଗୁହାଁ ଗୁହାଁ ଦେଖିଲା—ବାଜା ପୁଣି ଲେଉଟିବ ବୋଲି ।

ଯୁଦ୍ଧ ସରିଲା—ଲୋକେ ଫେରିଲେ । କିଏ ହାତଟିଏ ଦେଇ କିଏ ଗୋଡଟିଏ ଦେଇ, କିଏ ଆଖି ଦେଇ ଆସିଲେ । ବାଜା କିନ୍ତୁ ଲେଉଟିଲା ନାହିଁ—ଭୋଟ ଦେଶରେ ରହିଗଲା—ସେ ବଞ୍ଚିଛି । ଫେରୁନି । ପରୀର ସାଙ୍ଗ ସାଥି ଗାଁ ଲୋକେ ସଭିଏଁ କହିଲେ ତାକୁ ପୁଣି ଜଣକ ହାତ ଧରିବାକୁ—ଭରା ମନ—ନୂଆ ଯୌବନର ଆରମ୍ଭ । ବୟସ ଗଡ଼ୁନି । ପରୀ ନାମଙ୍ଗ ହେଲା । ବୁଝିଲାନି ଜମା । ନାନା କଥାକହି ଭୁଲେଇ ଦେଲା, ଆଉ ଚୁପ ରହିଲା ।

ନାନା ଖବର ଆସେ—ବାଜବାବୁ କଲିକତାରେ, ବମ୍ବେରେ, ମାଡ୍ରାସରେ, କେବେ ପୁଣି ଦିଲ୍ଲୀରେ । ଠିକ୍ ନୁହେଁ କୋଉଟା—ସ୍ତ୍ରୀ ରଖିଛନ୍ତି—ବଂଗାଳୀ ଘରେ ରହୁଛି । ପକେଟ୍ ମାର ହୋଇଛନ୍ତି

—ବାବୁ ହେଉଛି—ବାବାଙ୍କ ବନାତ । କେତେକଥା—କାନୁ କାଛୁ ଘଟୈନି କି ତାଙ୍କ ଲେଖଟେ ନାହିଁ ।

ମନ ଡହଳିଲା ପଦ୍ମାର—ଯାଙ୍କ ସାର୍ଥିଙ୍କ ସାଙ୍ଗରେ ଭୁଲିଲା ସେ ନିଜକୁ । ତାହା ସ୍ୱାମୀ ଅସାମ ଯାଇଛି—କିଏ ରେଙ୍ଗୁନ ଯାଇଛି । ଖବର ନାହିଁ—ସିଆଡ଼େ ଘର ଦ୍ୱାର କଲେଣି । ପଦ୍ମା ଜୀବନ କଣ ଅଲଗା ? ନାଁ ସେଇଆ ? କି ତା'ଠୁ ବେଶୀ ସେମାନଙ୍କ ଗୋଡ଼ ଖସିଲାଣି—ପଦ୍ମାର ଖସିଖସି ଯାଉଛି ।

ସାନ ଝିଅକୁ ଗୁଡ଼ରେ ଜାକି ବୋକଦିଏ ପଦ୍ମା—'ବୋଉ' ଡାକ ଶିଖାଏ । 'ବାପା' 'ବାପା' କହି ତାଙ୍କକଥା ମନକୁ ଆଣେ । **ଅଟଳ** ରହେ ।

ବର୍ଷକୁ ବରଷ—ଏଭଳିରେ ବଳ ଆସିଲା । **ଅଭାବ** ବଳିଷ୍ଠ ସବଳ ହେଉଛି । ବଡ଼ ହେଉ ଯାଉଛି । ତାକତ ବଢ଼ିଯାଉଛି—ମୋଟାମୋଟି ସେ ବାଟ ଆଉ ଏ ବାଟ ଭିତରେ ଫରକ ଅନେକ । ଜିଲ୍ଲିସା ମନରେ ଏଘର ସେଘର ଏ ଗଳି ସେ ଗଳି ବୁଲି ମିଟେଇ ବାଣ୍ଟିଲା ପଦ୍ମା—ରାମ ନବମୀର ଦୋଳଯାତ୍ରା ଦିନ—ମୁଣ୍ଡରେ ସଜାଇ ଖୋପାଏ ସିନ୍ଦୁର ଲଗାଇ, କଜ୍ଜଳ ଟାଣି, ପଦ୍ମା ଘରେ ବାଜା ବାଜିଲା ଆସିଲା—ଦେଶ ଦେଶର ଭଲି ଭଲି କଥା ଶୁଣିଲା, ତା ପରଦିନ ସକାଳୁ ଅନ୍ୟକୁ ଶୁଣାଇବାକୁ—କୁନିଝିଅକୁ ଶିଖାଇ ଦେଉଥିଲା ଏଇ ତୋ ବାପା ବୋଲି—ଦେଖାଉଥିଲା ତାକୁ ବାପାଙ୍କ କୋଳରେ ବସେଇ । ହେଲେ ସୁନା ଚିହ୍ନିଲା ବେଳକୁ ବାପା ପୁଣି ଚାଲିଗଲା—ପୁରାପୁରି ଭଲ ଭାବରେ ସୁନା ଏଯାଏଁ ଚିହ୍ନିନି ।

ପଦ୍ମା କାନ୍ଦି କାନ୍ଦି **ଆଖି** ଫୁଲେଇଲା, ସୁନା ଘରରୁ ଉଠି

ଖୋଜିଲା ସେ ନୂଆ ଲୋକଟିକୁ, ଯାହାକୁ ଏଇ କେତେଦିନ ହେଲା, ସେ ବାପା ବୋଲି ଡାକୁଥିଲା—ହେଲେ ବାଇ ଆଜ ଆସିଲାନି ।

ପୁଣି ବରଷ ବିତିଗଲା । ଧନଙ୍କର ଅଦିନିଆ ଝାଡ଼ାପରେ ନିମ ନାହାଙ୍କ କୋଳରେ ଥିବ ସୁନାକୁ । ଭୁଲି ପୋଟଳି କଡ଼ରେ ପକେଇ ଦେଇ ଆସିଲା—ମୁଣ୍ଡ ବାଡ଼େଇ, କାନ୍ଦିକାନ୍ଦି ସୁନା ପଛେ ପଛେ ପଶୁ ମଶାଣିକୁ ଗଲା—ଦରାଣ୍ଡି ହେଲା କେତେ । କିନ୍ତୁ ସୁନାର 'ବୋଉ' ଡାକ ହଜିଗଲା । ତା'ର ପିଲା । କାନ୍ଦଣା ଭିତରେ—ବାଇର ସବୁ ସ୍ମୃତି ଛଡ଼େଇ ନେଇ ସୁନା ଗୁଲିଗଲା ।

ନିଘୁଟିଆ, ଏକୁଟିଆ, ନିଶୁନ ଦି'ପହର ଏଠିକି ପଶୁ ବଢାଏ ବାଉଁଶ ବଣ, କିଆ ବଣ ସେପାରି କାପଟା ଡାକ ଶୁଣିଶୁଣି—କାଠଭାର ବାନ୍ଧୁନା ସାଙ୍ଗେ ଗୁମୁରି ଗୁମୁରିକାନ୍ଦେ—ଖିଚ ଅଜର ଲମ୍ବି ଯାଏ, ଦନ୍ଦ ଗୁହିଁଲା ସାଥୀ—ମନ ଗୁହିଁଲା ସୁନା ।

ସାନଭାଇ ଯାଇ ଗୁହିବି କଲାଣି ଗୁଡିଆ ଦୋକାନରେ—ତା' ଅଳି ଅର୍ଦ୍ଦନ ବନ୍ଦ । ବାପ ବୁଢ଼ାକୁ ଫୁଟାଇ ଧାଏ । ମନଇଚ୍ଛା କାନ୍ଦେ—ଘୁଅଁକୁ ଘୁଅଁ ସବୁ କାମ ତା'ର ବନ୍ଦ ହେଇଗଲା ।

ବୁଝେଇବାକୁ କେତେ ଲୋକ ଆସନ୍ତି—ବହେ ଗପନ୍ତି । ଘଡ଼ିଏ ଘଡ଼ିଏ ବସନ୍ତି । ଗଂଜେଇ ଟାଣନ୍ତି—ପଲ୍ଲି ନାଟଙ୍କ ହୁଏକା । ବେଲତ ଗଡ଼ିବ ଚୁଣି । ଫଗୁଆ, ଧରସାହୁ, ଦାମ ବେହେରା, ନିଧି, ସମସ୍ତେ ଆସନ୍ତି ଏଇ ସମବେଦନା ଜଣାଇବାକୁ—ସମସ୍ତଙ୍କର ପିଲାଛୁଆ ଅଛନ୍ତି—ସ୍ତ୍ରୀ ଅଛି । ଟିଏ ବଡ଼ ପରିବାର—ଜଣେ ଜଣେ ପରି ସାଙ୍ଗର । ଘରୀ ଗପେ ଆଉ ଗପ ଶୁଣେ ।

ସେମାନେ ଥଟ୍ଟା ଟାପରା କରନ୍ତି—ପଦେ ଦି'ପଦ ଖସିପ

# ଜାରଜ

କଥା କହନ୍ତି ଦାଅନ୍ତି—ହସନ୍ତି—ପରୀକୁ ସୁହାଏ । ମନରେ ଲହରୀ ଉଠେ । ଜୀବନରେ ତା'ର ସେଇ ମଉଜିଆ ଦିନ ଗୁଡ଼ାକର ସଂଖ୍ୟା କି ତାର କମ—କେତେ କମ—ଏମାନେ କି ସେଇକଥା କହନ୍ତି ପରୀକୁ । ଏ' ସୁଖ ସେ ପାଇନି—ପାଉଛି । ଭୁଲିଯାଏ ପରୀ···

ସବୁ ଭୁଲିଗଲା ପରୀ—ମନ ତା'ର ସୁନାକୁ ଖୋଜିଲା—ନୂଆ ସୁନାର ତିଆରି ପାଇଁ ପରୀ ଆତୁର ହେଲା ସେଦିନ···ତା'-ପରେ··· ।

ସେଦିନ କଳା ଅଂଧାର ରାତିରେ ପରୀ ଜାଣି ପାରିଲା, ନୂଆ ହେଇ ସୁନା ପୁଣି ଆସିବ । ଆଜି ଫଗୁଆ, ରାମ, ରହି ଆସିଛନ୍ତି — ରାତିଅଧ । ନେତ ଅଛି । ଧାଇ ସେ— ।

ପାହାନ୍ତା ପହର—କୁଆଁ କୁଆଁ ଶୁଭିଲା—ପରୀ ବେହୋସ । ଚେତା ନାହିଁ ତା'ର — ଫଗୁଆ ହାତ ବଢ଼ାଇ ଧରିନେଲା ପିଲାଟିକୁ । ପୁଅଟିଏ—ଗୋରା ତକ ତକ ହେଇଛା ଫୁଲଟିଏ ।

ଅଣ୍ଟାରୁ ଛୁରୀ କାଢ଼ି, ଦାଢ଼ଧାର ଠିକ୍ ବେକ ପାଖରେ ବସେଇ ଦେଲା ଫଗୁଆ, ପାଟିରେ ତା'ର ହାତଦେଇ । କେଁ' କନା କୁକୁର ଛୁଆଙ୍କ ଭଳି ଶବ୍ଦହେଲା—ପିଚ୍ ପିଚ୍ ହୋଇ ଲହୁ ବାହାରି ଆସିଲା । ନୀଳ ହେଇଗଲା ଦେହଟା । ଝୁଲି ପଡ଼ିଲା ତା' ମୁଣ୍ଡ—ଠିକ ପିଠିଆଡ଼କୁ—ହାତ ଧୁଆଧୋଇ କରି ଫେରି ଆସିଲା ଫଗୁଆ । ଅନ୍ୟମାନେ ହାଣ୍ଡିରେ ପୁରେଇ ଦେଲେ କନା, ନାଲ, ଫୁଲ, ଲକ୍ତ, ସବୁ—ତା' ଭିତରେ ମେଁଗୁଏ କନା ଭିତରେ ଶୁଆଇ ଦେଲେ ପିଲାକୁ ।

ପରୀକୁ ଚିପକାଇ ନେଲା—ନୂଆ ପୁଅକୁ ଦେଖିବା ଦରକାର

ଫୁଲିଲାନି । ପରୀର ଚେତା ହେଲା—ଫିକା ହସ ହସି ସେ ହାତ ବଢ଼ାଇଲା ଧରିବାକୁ । ପଚାରିଲା ନେଡ଼କୁ ।

'କଣଟିଏ ?' କିଛି ନବୁଝି ନେଡ଼ ପଚାରିଲା ।

'ପୁଅଟିଏ ପରୀ'—ଯେମିତି ଫୁଲଗଛ ପରି । ହାଲୁଆ ହେଇ ଉଡ଼ି ଭାସିଗଲା କେତେକଥା ମନେ ମନେ । ଯା'ହେଉ ପଛେ, ଲୋକେ ଯାହା କହନ୍ତୁ' ଅସତୀ, ଦୋଶ୍ଚରିଣୀ ସବୁ ସହିଯିବ ସେ—ମାଡ ମାରନ୍ତୁ ବାହାର କରି ଦିଅନ୍ତୁ, ସୁନାପୁଅକୁ ତା'ର ସେ ପାଳିବ, ବଡ଼ କରିବ, ଏଠି ନହେଲେ ଗ୍ରାମ ଯାଇ ଅନ୍ୟଆଡ଼େ ବଢ଼ାଇବ—କିଏ ତା' ବାପା କେହି ନଜାଣନ୍ତୁ ପଛେ, ନିଜେ ପରୀ ବି ଜାଣେନି—କ୍ଷତି କଣ ଅଛି ସେଥିରେ ? ସବୁ ପିଲାଙ୍କର ଏବେ ବାପା ତ ପୁଣି ହେଉଥିବ । ପୁଅତ ପୁଅ । ଭାଗ୍ୟରେ ଥିଲେ ମିଳେ । କୋଉ ସୁକୃତ କରିଥିଲା ବୋଲି ସିନା ! ବଡ ହେଲେ ସେଇ ତାକୁ ନେଇ ବାଟକୁ ଖୋଜି କାଢ଼ି ପାରିବନି କଣ ? ହଁ, ଏଥର ବାଜା ନଆସୁ ! କେହି ନରହନ୍ତୁ । କଣ ହବ ପରୀର । ଭରସା ଅଛି । ନିଜ କୃତକର୍ମକୁ ନିଜେ ପ୍ରଶଂସା କରିଗଲା ପରୀ ମନେ ମନେ—ପୁଣିଥରେ ଧରିବାକୁ ହାତ ବଢ଼େଇଲା—ନପାଇ ନେଡ଼କୁ ପଚାରିଲା ।

କେମିତି ହେଇଚି ? ଗୋରା ନା କାଳିଆ ?'—ନିଆଁ ଚୁଲ୍ଲୀଭିତରେ ହାତ ଦେଇ ନେଡ଼ କହିଲା ।

'ସାକ୍ଷାତ ରଜାପୁଅ ପରି ଲୋ ଦେଖିବୁଅ ପୁଣି ଏତେ ସୁନ୍ଦର ହୁଅନ୍ତି ? ମୁଁ କେବେ ଦେଖି ନଥିଲି ପରୀ ।

ନେଡ଼ କଥାରେ ଦୁଃଖ ନ କରି ପରୀ ପୁଣି ହାତ ବଢ଼ାଇଲା କାଉ ଲେଉଟାଇ । ଉପର ଆଲୁଅରେ ଦେଖା ଯାଉଚି ହାଣ୍ଡି ଟା ।

ଘୁସୁରି ଘୁସୁରି ଟିକେ ଘୁଂଚାଯାଇ ହାଣ୍ଡିଟା ଭିତରେ ହାତଟା ନେଇ-ଦେଲା ପରି ମେଞ୍ଚା ମେଞ୍ଚା ମୁଣ୍ଡା ରକ୍ତ ଗଦା ହେଇଚି କନାଗୁଡ଼ାକ ଉପରେ ।

କିଛି ନ ଭାବି । ନିଜର ସବୁ ଶକ୍ତିଦେଇ ପରି ଉଠି ବସିଲା —ଝିଅଟା ଟେକି ଧରି ନିରେଖି ଗୁହାଁଲା କନା ବୁଜୁଳା ଅଡ଼େଇ ଦେଇ ।

ହାଣ୍ଡି ଭିତରେ ଶୋଇଚି ତା' ସୁନା—ରକ୍ତରେ ଜୁଡୁବୁଡୁ ହେଇଚି—ମୁଣ୍ଡ ଗଢ଼ ପଡ଼ିଚି । ମେଞ୍ଚାଏ ବାଳ । ଠିଆ ନାକ—ଗୋଲ୍ ମୋଟା ମୋଟି । ଉଠେଇ ଆଣିଲା ବେଳକୁ ତଳକୁ ଝୁଙ୍କି ପଡ଼ିଲା ବେକଟା ତା'ର । ଇଟେଇ ବହଳର କଟାଦାଗ ।

ମୁହଁରେ ଲୁଗାଖଣ୍ଡା ଦେଇ କଇଁ କଇଁ ହେଇ ଜୋରରେ ଉଠିଲା ପରି । ହାଣ୍ଡିଟା ତା' ପାଖରୁ ଘୋଷାରି ଆଣି, ବାହାରିଗଲା ନେଇ ।

ଜହ୍ନଟା ଝୁଲି ଝୁଲି ମଳିଆ ହେଇ ଯାଉଚି ।

## ବିଶ୍ଳେଷଣ

ବିଭିନ୍ନ କିସମର ଲୋକଙ୍କର ଆଖି ପଡ଼ୁଥିବା ସେ ଝିଅଟିକୁ ସେଦିନ ମୁଁ ଦେଖିଲି ପ୍ରାୟ ଛଅଟାବେଳେ—ସେ ଛିଡ଼ା ହୋଇଥିଲା ସେ ଅଞ୍ଚଳର ଗୋଟିଏ ପାନ ଦୋକାନ ପାଖରେ ଏବଂ ସେ ଅଞ୍ଚଳଟିର

# କାରକ

ବିଶେଷତଃ ଦିନ ଦଶଟାଠାରୁ ରାତି ଦଶଟା ପର୍ଯ୍ୟନ୍ତ ଜନ ଗହଳି ଥାଏ ସେଠି ଅନ୍ୟ ସ୍ଥାନମାନଙ୍କ ଅପେକ୍ଷା ଯଥେଷ୍ଟ ବେଶୀ । ସେଥି ନୁହେଁ ତ, ଦାରାଟିକୁ ଚାହିଁ ରହିଥିଲେ ମାରୁଆଡ଼ୀ ଯୁବକ ଓ ବୃଦ୍ଧ, କଲେଜ ଛାତ୍ର, ପାନ ଦୋକାନୀ, ସାଧାରଣ ପଥିକ, ରିକ୍ସାବାଲା ଏବଂ ଘାଟରେ ଅଷ୍ଟପ୍ରହରୀ ହେଉଥିଲା, ସେଠାରେ ବାବାଜୀମାନେ ମଧ୍ୟ ସଂକୀର୍ତ୍ତନ ଚଲାଉଥିଲେ ଠାକୁରଙ୍କୁ ନ ଚାହିଁ ଏହି ମାନବୀଟିକୁ ଚାହିଁ ଚାହିଁ ଠାକୁରଙ୍କ ଚାରିପଟେ ଘୁରି ବୁଲୁଥିଲେ ଭଜନ ଗାଇ ଗାଇ । ମୋର କିନ୍ତୁ ଧାରଣା ହେଲା ଯେ ସେ ସୁନ୍ଦରୀ ନୁହେଁ, ଅଦୌ ନୁହେଁ, କିନ୍ତୁ ତା' ପକ୍ଷରେ ଅସୁନ୍ଦରୀ ବୋଲି ବିଶେଷଣ ଯୋଗ କରିହେବନି । ପାନ ଦୋକାନର ଗୋଟାଏ ବାଡ଼ା ଉପରେ ଗୋଡ଼ଦେଇ ସେ ଠିଆ ହୋଇଥିଲା ଦୋକାନୀକୁ ଖୁବ ବଡ଼ ପାଟିରେ ପାନର ବରାଦ ଦେଇ ଏବଂ ସନ୍ତ୍ରସ୍ତ ଅନ୍ୟ ପାନ ଦୋକାନର ଲୋକଙ୍କୁ ଚାହିଁ ରହିଥିଲା—ଆଖିରେ ବ୍ୟଗ୍ରତା, ବିତୃଷ୍ଣା, ଆନନ୍ଦ ବା ଈର୍ଷାର କୌଣସି ଭାବ କିଛି ସ୍ପଷ୍ଟ ନଥିଲା—

ପଚିଶ, ଛବିଶ ବରଷର ସେ ସ୍ତ୍ରୀଲୋକଟି ପାଦରେ ଅଳତା ଲାଇଥିଲା ଓ ଗୋଟିଏ ଟୋଲି ଚଟି ମାଡ଼ିଥିଲା । ଉପରେ ହଳେ ପାଉଁଜି ନାଇସାରି । ପିନ୍ଧିଥିଲା ଖଦ୍ଦର ହଳଦିଆ କସ୍ତା ଯାହାର ପାଢ଼ି ନାଲିଆ, ବ୍ଲାଉଜଟା ସିଲ୍କର ହଳଦିଆ ରଙ୍ଗର, କିନ୍ତୁ ଫିକା ହଳଦିଆ । ହାତରେ କାଚଚୁଡ଼ିକ ପାଣିକାଚ କିନ୍ତୁ ନ ଲକ୍ଷ୍ୟ କଲେ ଦେଖାଯିବ ସୁନାଭଳି, କାରଣ ଉପରେ ସୁନେଲି ରଙ୍ଗ ଦିଆଯାଇଛି । କାନରେ ନାଇଛି ସମ୍ଭବତଃ ହଳେ ରୋଲ୍‌ଗୋଲ୍ଡ ଇୟାରିଂ ମଝିରେ ବଡ଼ ନାଲିକାଚ ବସିଛି ଓ ବେଶ୍ ଚକ୍‌ଚକ୍ କରୁଛି ଖାଣ୍ଟି ସୁନାଠୁଁ

ଛଇଆଳିଶି　　　　ବିକ୍ଷେପଣ

# ଜାରଜ

ବେଣୀ । ରଙ୍ଗ ତା'ର ଅତେଢ଼ୀ ଗୌର ନୁହେଁ, ବରଂ କାଳୀ କହିହେବ । ବେଶ ସ୍ୱାସ୍ଥ୍ୟ, ହାତ ଉପରେ ବ୍ଲାଉଜ ବସିଯାଇଛି । ବାଳଗୁଡ଼ାକ କୁଞ୍ଚ କୁଞ୍ଚିଆ ଓ ସିନ୍ଦୁର ନାଇଛି ସେ ସିନ୍ଥାରେ । ବେଣିରେ ବାନ୍ଧିଛି ଗୋଟାଏ କଳା ଜାଲ । ଓଢ଼ଣା ଦେଇନି । ଦାନ୍ତଗୁଡ଼ାକ ବେଢଙ୍ଗ କିନ୍ତୁ ପାନରେ ଗାଢ଼ଲାଲ ଦେଖାଯାଉଛି । ପୁରିଲା ଗାଲ । ଗାଲରେ ଗୋଟାଏ ବେଢ଼ଙ୍ଗା ଦେଖିଲା । ଟୁଡ଼ରେ ତାର ଆକର୍ଷଣରେ ଶକ୍ତି ଖୁବ୍ ପ୍ରବଳ ଓ ଯେ କୌଣସି ଲୋକ ଅନ୍ୟକୁ ନ ଜଣେଇ ତା'ସହିତ ପଦେ କଥା କି ତା' ହାତରେ ଟିକେ ହାତ ମାରିବାକୁ ଚାହିଁବ । କିନ୍ତୁ ସେ ସୁନ୍ଦର ନୁହେଁ ଏବଂ ପ୍ରଥମରେ ଦେଖିଲେ ଯେ କୌଣସି ଲୋକ ମଧ୍ୟ ଟିକେ ସେଇଭଳି ତା'ର ଚରିତ୍ର ବିଷୟରେ ଏକ ପ୍ରଶ୍ନବାଚକ ମନରେ ଆଣିବ । ସରଳ ଭାଷାରେ କହିଲେ ସେ ବେଶ୍ୟାଭଳି ଅନେକଙ୍କୁ ଦେଖା ଯାଉଥିଲା—ଚରିତ୍ର ଅର୍ଥ ମଧ୍ୟ ବ୍ୟାପକ ଭାବରେ ସାଧାରଣ ଯାହା ଭାବନ୍ତି—ବେଶ୍ୟା କେବେ ନ ଦେଖିଥିବା ଅଭିଜ୍ଞ ଯୁବକ ବା ପ୍ରୌଢ଼ ମଧ୍ୟ ତାକୁ ବେଶ୍ୟାବୋଲି କହିଦେବ ପ୍ରଥମ ଚାହାଣୀରେ ତା'ର ହାବଭାବ, ଭଙ୍ଗୀ. ଚାଲି, ଚାହାଣୀ ଓ କଥାବାର୍ତ୍ତାରୁ ।—

ଦେଖିଲି ସମସ୍ତେ ତାକୁ ଚାହୁଁଥିଲେ ବି ନିର୍ଦ୍ଦିଷ୍ଟ ଭାବେ କାହାକୁ ନଚାହିଁ ବେଶ ବିଭିନ୍ନ ବ୍ୟକ୍ତିଙ୍କ ଆଡ଼େ ଓ ଇଆଡ଼େ ସିଆଡ଼େ ଚାହୁଁଛି ଓ ସେଇଭଳି ଛୁଡ଼ା ଦେଉଛି, କେବଳ ସମସ୍ତଙ୍କର ମାନସିକ ଅବସ୍ଥାକୁ ବିକଳ କରିଦେଇ ଓ ଗୋଟାଏ ; ଦୁଷ୍ଟ ଭାବଦେଇ ।

ତା'ର ଖୁବ୍ ଅଳ୍ପ ସମୟ ପରେ ଆସୁଥିବା ବସକୁ ଅପେକ୍ଷା

ଭଳି ଠିଆ ହୋଇଥିଲି ମୁଁ ସେଠି । ଟିକେ ଡେରି ହେବାରୁ ଗୁମ୍ଫ ଦୋକାନରୁ କପେ ଚା’ ଯେତେ ଶୀଘ୍ର ପାରେ ଖାଇଦେଇ ମୁଁ ସେଇ ପାନ ଦୋକାନକୁ ଆସିଲି ସିଗାରେଟ୍ କିଣିବାକୁ ଓ ସିଗାରେଟ୍‌ଟା ଲଗାଇବାବେଳେ ଗୁମ୍ଫି ଦେଖିଲି ସିଏ ହାତରେ ଆଉ ଗଣ୍ଡେ ଟ୍ରାଉଜ ଧରିଛି କଳାରଙ୍ଗର ଓ ଭେଲଭେଟର । ଟିକେ ପୁରୁଣା ଢଙ୍ଗର ଛଅରି ସେଇଟା । ତକ୍ଷଣେ ଗଣ୍ଡେ ପାନ କିଣି ସେ ଅଣ୍ଟା-ର ଖୋସିଥିବା ତା’ର ଶସ୍ତା ସିଲ୍‌କ ରୁମାଲର ଗଣ୍ଠି ଫିଟାଇ ପଇସା ଦେଇଦେଲା ଓ ମୁଁ ଲକ୍ଷ୍ୟ ରଖିଲି ହଠାତ୍ ଅଗର ଦୋକାନକୁ କୌଣସି ଏକ କାରଣରୁ ଗଲା । ବସ ଆସିଲା ଓ ମୁଁ ବସରେ ଉଠିଗଲି ଏବଂ ଲୋକ ବେଶୀ ଥିବାରୁ ଦୁଇଜଣିଆ ଷ୍ଟେଟ ଲେଡ଼ିଜ୍ ସିଟରେ ବସିଲି ନିଟ୍‌ସ ମେଷ ଶିଶୁଟି ଭଳି । ଭୁଲି ଯାଇଥିଲି ତାକୁ—

ହଠାତ୍ ଷ୍ଟାର୍ଟ ଦେବାର କିଛି ସମୟ ପରେ କିଛି ଗଳି ବାଟ ଟପିଯାଇ ବସ ଅଟକିଲା ଓ ବସ କଣ୍ଡକ୍ଟର ପାଟି କଲା ଷ୍ଟେଟ ଲେଡ଼ିଜ୍ ସିଟ ଖାଲି କରନ୍ତୁ—ଶାନ୍ତ ଓ ଧୀର ଭାବରେ ମୋତେ ଉଠିବାକୁ ପଡ଼ିଲା ଏବଂ ନିକଟସ୍ଥ ଅନ୍ୟ ବନ୍ଧ ଲେଡ଼ିଜ୍ ସିଟଟାରେ ବସିଲି ସେ ସିଟକୁ ଲାଗିକରି —ମଝିରେ ବାଧା କେବଳ ଗୋଟାଏ ଅଳ୍ପ ଉଚ୍ଚର କାଠବାଡ଼ା—ସେଇ ନାରୀଟି ଉଠି ଆସିଲା ଗାଡ଼ି ଭିତରକୁ ଏବଂ ବେଶ ଆରାମରେ ପ୍ରଥମେ ସିଧା ଓ ପରେ ମୋର ଆଡକୁ ପିଠିକରି ଅଡ଼ଜା, ଗୋଡ଼ହାତ ଟେକି ବସିଲା । ମୋ ଉପରେ ତାର ପଛଆଡ଼ର ଜାନଟା ପଡ଼ିଲେ ବି, ସୌଜନ୍ୟବୋଧ ଦୃଷ୍ଟିରୁ ବେଶୀ ରଗିଲେ ସୁଦ୍ଧା, ଅଗତ୍ୟା ନୀରବରେ ବସିଲି ବାଘଟିଏ ଭଳି ।

ଅନୁଗୁଳିଣି

ବଟକୃଷ୍ଣ

ଧୀରେ ସିଏ ହାତ ବଢାଇଲା ବାଡ଼ାଟା ଧରିବାକୁ । ହଠାତ୍ ମୁଁ ଛୁଇଁ ଅସିଲି ଯଦି ଛୁଇଁଦିଏ । ନିଜେ ପୁଣି ଲଜ୍ଜିତ ହେଲି ବେଶୀ, କ୍ଷତି କଣ ହେବ ସେଥିରେ ଭାବି ।

‘ମୁଁ ହିନ୍ଦ ସିନେମା ପୁଣି ଆସିବି ଏ ବସ୍ ଫେରିବତ ?’ ପଚାରିଲା ସେ କଣ୍ଡକ୍ଟରକୁ—

‘ତମେ କୋଉଠିକି ଯିବ ?’

‘ଚୌଧୁରୀ ବଜାର’

‘ଦିଅ ଦଶପଇସା’ ପୁଣି ସେ ରୁମାଲ ଗଣ୍ଠି ଫିଟେଇଦେଇ ଅଙ୍ଗୁଠିରେ ବଡ଼କଷ୍ଟରେ ଟିକେଟ କଲେକ୍ଟରର ହାତକୁ ଗଲା ଦି-ଗଲା ଦି— ଟିକେଟ ନେଇ ସେ ବ୍ଲାଉଜ ସନ୍ଧିରେ ପୁରାଇ ରଖିଲା—ଲକ୍ଷ୍ୟ କଲି କଳିଆ ବ୍ଲାଉଜଟାକୁ ଯେ ଏଥର ସିଦ୍ଧି ଦେଇଛି ଆରଟା ଉପରେ । ବସର ସମୁଦାୟ ଯାତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ବେଶ ନିରଭିମାନ ଭାବରେ ବସି ମଝିରେ ମଝିରେ ବାହାରକୁ ଛେପ ପକାଉଥାଏ ସିଏ—ବିଚଳିତ ହେଉଥିବା ସଙ୍କୁଚିତ ଭାବରେ ବସିଥାଏ ମୁଁ ତା'ର ଅତି ନିକଟତମ ସିଟରେ ଏବଂ ନିଜକୁ ତାର ପାନଛେପରୁ ଦୂରେଇ ରଖିବାକୁ ହାତଟେକି ଆଣୁଥାଏ ପୁଣି ଓହଲାଉଥାଏ ।

ହଠାତ୍ ମୋର ଧାରଣା ହେଲା କେମିତି ହିଁ ଅଛି ବେଶ୍ୟା କିମ୍ବା ସନ୍ଦେହଜନକ ଚରିତ୍ରର ଏମିତି କିଛି ନହେଲେ ଯେ କେବେ ଏଭଳି ହାବଭାବ ଦେଖାଇ ପାରିବନି । ଭାବୁଥିଲି ତା' ଦେହରେ ଅଙ୍ଗୁଳି ଛୁଇଁ ଦେଇ, ଯଦି ସେ ରାଗେ ଭଲ ଏବଂ ଯଦି ଉଲଟରେ ଗ୍ରହଣ କରେ ଖରାପ ବୋଲି ଗ୍ରହଣ କରି ନେବି । ମୋଟା ମୋଟି

# ଜାତକ

ଭାବରେ ଜାଡୁଆ ପାଗରେ ବସ ଭିତରେ ଜଣେ ସାଧାରଣ ଯାତ୍ରୀ ଭାବରେ ମୋର ଆଖି ତା'ର ଜଲଧୋଇ ଗଣ୍ଡି ଉପରେ ଥିଲା ଏବଂ ମୁଁ ତା'ର କଥା ଭାବୁଥିଲି ଠିକେ ଅନୁସନ୍ଧିତ୍ସୁର ମନୋଭାବ ନେଇ— ଛୁଇଁବି କି ଛୁଇଁବିନି ଭାବୁଚି ହଠାତ କାହିଁକି କେଜାଣି ସେ ମୋ ଆଡ଼କୁ ଚାହିଁ ରହିଲା ଗୋଟାଏ ଆଶ୍ଚର୍ଯ୍ୟ ଭାଷାହୀନ ଚାହାଣୀ ନେଇ—ଠିକେ ହତବକେଇ ମୁଁ ଅନ୍ୟଆଡ଼େ ଚାହିଁଲି ଏବଂ ଯେତେବେଳେ ଆଖି ଫେରାଇ ଦେଖିଲି ସିଏ ମୋ ଆଡ଼କୁ ସେଇଭଳି ଚାହିଁଛି । ଏଥର ବେଶ୍ ନିଶ୍ଚିତ ଭାବରେ ବିଚଳିତ ହେଲି ମୁଁ । ସେ ଆଖି ଫେରାଇ ନେଲା ମୋର ମନକୁ ବିକୃତକରି ଧୃଷ୍ଟଭାବରେ । ମୁଁ ବସି ରହିଲି ସେମିତି ପୂର୍ବଭଳି ଓ ସେ ମଧ୍ୟ ତା'ର ପୂର୍ବ ଅବସ୍ଥାକୁ ଫେରି ଆସିଲା ।

ଥାନାପାଖ ଛକରେ ବସ୍ ଅଟକିଲା ଏବଂ କେତୋଟି ଯାତ୍ରୀ ଓହ୍ଲାଇଯିବା ସଙ୍ଗେ ସଙ୍ଗେ ବସ୍‌କୁ ଚଢିଆସିଲେ ଆଉ କେତୋଟି ଯାତ୍ରୀ— ସେମାନଙ୍କ ମଧ୍ୟରେ ପୋଲିସ୍ ପୋଷାକ ପିନ୍ଧା ଜଣେ ଭଦ୍ରବ୍ୟକ୍ତି ଥିଲେ । ସମ୍ଭବତଃ ସ୍ଥାନୀୟ ଥାନାର ସବ୍‌ଇନ୍‌ସପେକ୍ଟର ଜଣେ । ବର୍ଷାରେ ପୋଷାକ ଭିଜିଯାଇଚି ତେଣୁ ରୁମାଲରେ ମୁହଁ ହାତ ପୋଛି ପୋଛି ମୋର ଗୋଟିଏ ନିକଟବର୍ତ୍ତୀ ସିଟ୍‌ରେ ବସିଲେ ସେ—

ବାହାରେ ଝିପିର ଝିପିର ହୋଇ ବର୍ଷା ପଡୁଥିଲା—ବର୍ଷା ଦିନଟା ତେଣୁ ବେଶ୍ ଜାଡୁଆ ଲାଗୁଥିଲା ଏବଂ ଲୁଗାପଟା ମଧ୍ୟ ଝାଳରେ ଠିକେ ଠିକେ ଓଦା ଓଦା ଲାଗୁଥିଲା—ବର୍ଷା କିନ୍ତୁ ଭିତରକୁ ଛିଟୁ ନଥିଲା ତେଣୁ ଝରକା ଗୁଡାକ ଖୋଲାଥିଲା ।

# ଜାରଜ

ରାସ୍ତାରେ ଛତାଧରା ଜଣେ, ଜଣେ ବର୍ଷାତି ପିନ୍ଧି, ସାଇକଲ୍ ଚଳାଇ ବା ରିକ୍ସା ଚଢ଼ାଇ ଯିବା ଆସିବା ଛଡ଼ା ଅଧିକାଂଶ ପଥିକ ରାସ୍ତା କଡ଼ରେ ଦୋକାନ ଗୁଡ଼ାକରେ ଆଶ୍ରୟ ନେଇଥିଲେ ବର୍ଷା କମିଲେ ଯିବେ ବୋଲି । ବର୍ଷା ଟିକେ ଜୋରରେ ହୋଇ ମଝିରେ ମଝିରେ କମି ଯାଉଥିଲା —

ପୋଲିସ ସବଇନ୍‌ସପେକ୍ଟର ଜଣକ ବସିଯିବାର କିଛି ସମୟ ପରେ ତାଙ୍କୁ ଚାହିଁ ମୁଁ ଦେଖିଲି ମୁଁ ତାଙ୍କୁ ଜାଣିଛି — ଘଟଣା ସୂତ୍ରରେ ପଞ୍ଜି କୋର୍ଟରେ ତାଙ୍କ ସହିତ ମୋର ଦେଖା ହୋଇଥିଲା କିଛିଦିନ ତଳେ, ତାଙ୍କୁ ସେତେବେଳେ ମୁଁ ନଜାଣି ଥିଲେ ବି ସେ ମୋ ବିରୁଦ୍ଧରେ କୋର୍ଟରେ ସାକ୍ଷୀ ଦେବାକୁ ଆସିଥିଲେ ଯେ ମୁଁ କୁଆଡେ ତାଙ୍କ ଅଞ୍ଚଳରେ ବିନାନୁମତିରେ ମାଇକ୍‌ରେ ଅପପ୍ରଚାର କରୁଥିଲି । ଅବଶ୍ୟ ମୋର କିଛି ହେଲାନି ଏବଂ ମୋର ବନ୍ଧୁ ସେ ହୋଇ ଯାଇଥିଲେ — ଦେଖିଲି ଭଦ୍ରଲୋକ ଜଣକ ମୋତେ ଅନାଇ ହସିଲେ ଓ ମୁଁ ମଧ୍ୟ ହସିଲି — ବସ୍‌ର ଅନ୍ୟାନ୍ୟ ପ୍ରତ୍ୟେକ ଯାତ୍ରୀ ଜାଣିଲେ ଯେ ମୁଁ ଏଇ ରାଜକର୍ମଚାରୀ ବାବୁ ଜଣଙ୍କର ବନ୍ଧୁ ତେଣୁ ସମ୍ମାନଜନକ — ଅବଶ୍ୟ ସେଇଟା ଯେ ଘଟଣା ବିଶେଷରେ ଓ ସ୍ଥାନ ବିଶେଷରେ ମୋର କାମ୍ୟ ହୁଏନାହିଁ ଏକଥା ମୁଁ ଜୋର୍ ଦେଇ କହିପାରିବି ନାହିଁ । ହଠାତ୍ ସେ ନାରୀଟି ସବ୍‌ଇନ୍‌ସପେକ୍ଟର ଭଦ୍ରଲୋକଙ୍କ ଆଡକୁ ଅନାଇ ନମସ୍କାର କଲା — ଭଦ୍ରଲୋକ ଜଣକ ନମସ୍କାର ଫେରାଇଲେ ବି ତାଙ୍କ ମୁହଁରୁ ଜାଣିଲି ସେ ଅପ୍ରତିଭ ହୋଇଛନ୍ତି — ଅନ୍ତତଃ ସେ ଜଣାଇବାକୁ ଚାହୁଁ ନଥିଲେ ଯେ ଏ ଭଳି ଲୋକଟିକୁ ସେ ଜାଣିଛନ୍ତି — ମୋତେ ସେ ଇଂରାଜୀରେ

# କାରଣ

ପ୍ରଶ୍ନ କଲେ, କିଏ ସେ ?—ସେଇ ଭାଷାରେ ମୁଁ ଉତ୍ତର ଦେଇ ମୋର ତା' ବିଷୟରେ ଅଜଣା କଥା ଜଣାଇ କହିଲି ମୁଁ ଏଇ ବସ୍‌ରେ ଦେଖୁଚି ତାଙ୍କୁ'—ଆଶ୍ଚର୍ଯ୍ୟ ଜନକ' ବୋଲି ପୋଲିସ ବାବୁ ଜଣକ ସ୍ୱୀକାର କଲେ କି ମୋତେ କହିଲେ ବୁଝିପାରିଲି ନାହିଁ । ନାରୀଟି ପୁଣି ତାଙ୍କୁ ଅନାଇଁ କହିଲା 'ମୋତେ ଚିହ୍ନି ନାହାନ୍ତି ?'

'ନାଁ, ବୋଲି ଉତ୍ତର ଦେଲା ସେ—'ମୋ ନାଁ ହାରାମଣି ପୁରୀର ବାସେଲି ସାଇରେ ମୋ ଘର—ମୁଁ ତ ଆପଣଙ୍କୁ ଜାଣିଚି—ଆପଣ ଏଇ ମଙ୍ଗଳାବାଗ ଥାନାରେ ରହନ୍ତି ନା ? ଏଠାରେ ସେ ବାଞ୍ଛାନିଧି ବାବୁ, ମଙ୍ଗଳମୟ ବାବୁ ଓ ରାଧାଶ୍ୟାମ ବାବୁ ସମସ୍ତେ ମୋତେ ଜାଣିଚନ୍ତି—ମୁଁ ଏଇଠି ଥିଲି—ଏକା ଥରକେ ସବୁପ୍ରକାର ପରିଚୟ ସେ ଦେଇଗଲା । ଭଦ୍ରଲୋକ ଜଣକ ବିଭିନ୍ନ ଲୋକଙ୍କ ଆଡ଼େ ଗୋଟାଏ ବେଶ୍ ପ୍ରଶ୍ନବାଚକ ଆଖିରେ ଅନାଇ ଅନାଇ, ମୁଣ୍ଡଟୁଙ୍ଗାଇ ସବୁ କଥାର ସତ୍ୟତାକୁ ପ୍ରମାଣିତ କରୁଥାନ୍ତି—ବାବୁ ଜଣକ କିନ୍ତୁ ଏଥର କ୍ଲେଶର ହସ 'ହସିଲେ ତାକୁ ମୁହଁ ଆଉ ବେଶ୍ ତାଙ୍କର ଚାକିରୀ ଯୋଗ୍ୟ ଗଳାରେ ପଚାରିଲେ

'କୁଆଡ଼େ ଆଇଚ ?

'ବୁଲିବାକୁ'

'ଏଠି ଅଛ କୋଉଠି ?

'କୋଉଠି ନାହିଁ'

'ଯିବ କୁଆଡ଼େ ?

'ମୋର ଗୋଟାଏ ଭଉଣୀକୁ ସେ ଅଜୟ ମଙ୍ଗରାଜ ରଖିଛି ତାକୁଇ ଦେଖିବାକୁ ଯିବି—ରାତିରେ ଫେରି ଯିବି'—ବେଶ୍ ନିର୍ଲିପ୍ତ



ଝଟେଣ୍ଟଣି

## ଜାରକ

ଗଳାରେ ଉତ୍ତର ଦେଲ ନାହିଁ—। ଉତ୍ତରଟିରେ ସବ୍‌ଇନ୍-ସପେକ୍ଟର ବାବୁ କିଛିକ୍ଷଣ ନୀରବ ରହିଲେ । ଇଆଡେ ସିଆଡେ ଅନାଇଲେ—ମୋତେ ଅନାଇ ଏଭଳି ହସି ଓ ଇସାରା ଦେଲେ ଯାହାର ଅର୍ଥ ହେବ ଦେଖନ୍ତୁ କିମିତି ଜେରାକଲି । ମୁଁ ମେଷ ଶାବକଟିଏଭଳି ସେଇ ଚାହାଣୀର ପ୍ରତିଉତ୍ତର ଦେଲି ।

କଣ କରୁଥିଲ ଆଗରୁ ? ଜେରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା—ବସର ସବୁଯାକ ଏଇ ଘଟଣା ପ୍ରତି ମନୋଯୋଗୀ ହୋଇ ଥାଆନ୍ତି ଲକ୍ଷ୍ୟକଲି—

”ଅନ୍ନପୂର୍ଣ୍ଣା”ଏ, ଗ୍ରୁପରେ ଥିଲି—ସେଠୁ ବାହାରି ଆଇଲି ଭଲ ଲାଗିଲା ନାହିଁ—ପାନଛେପ ଗୁଡ଼ କହିଲା ସେ ।

କେତେଦିନ ହେବ ଥିଲ ?

ବର୍ଷେ କି ଦି’ ବର୍ଷ ହେବ—ଉତ୍ତର ଦେଇସାରି ସେ କନସ୍ତ୍ରେ ଡ଼ାକିଲା ଗଜ ବୋଲି ଗାଇବାକୁ ଆରମ୍ଭ କଲା କିଛି ସମୟ ନୀରବ ରହିବା ପରେ—ବୋଧେ ସେ ପରିଚୟ ଦେବାକୁ ଚାହୁଁଥିଲା ଯେ ସେ ଅଭିନେତ୍ରୀ ଓ କଳାନିପୁଣା ଅଭିନେତ୍ରୀ—କିଛି ସମୟ ଗାଇଲା ପରେ ନୀରବ ରହିଲା ଓ କହିଲା—

ଜନତାର ରଞ୍ଜନ ବାବୁ ଡକେଇ ଥିଲେ ଯେ ଆସିଥିଲି ସିଏ କଣ କାମ ଦେବେ—ଏଠା ରଜୁବାବୁ ବି ଡାକିଥିଲେ ଯେ—

ହୁଁ

ଏତିକିରେ ନିଜର ମନ୍ତବ୍ୟ ଶେଷକଲେ ସ, ଇ, ବାବୁ

ମୁଁ ପୁଛିର ହେବାଚାନ୍ଦର ଟିଅସି’

‘ଇ’। ର ଏଭଳି କେହି ନାହାନ୍ତି’

ବଟ୍ଟେଶ୍ୱପଣ ଡେପନ

# ଜାରଜ

ବୋଲି ଇଂରାଜୀରେ ମୋତେ କହିଲେ ବାବୁ ଜଣକ — ପୁଣି ତାକୁ ପଚାରିଲେ 'ଏ ପୋଲିସ୍ ବାବୁଙ୍କୁ କେମିତି ଜାଣିଲ ?

ଆପଣ ମୋତେ ଯେମିତି ଜାଣିଲେ — ଡ଼ାକିଆଣି ରଖିବେ — ପଚାରୁଛନ୍ତି କେମିତି ଜାଣିଲ ? ରଗିଗଲେ ବାବୁ ଜଣକ ସହିହୁ ତାର ପଦେବସ୍ତୁ ଦେଲେ — ଏଥର ବସ ଭିତରକୁ ଜଣେ, ଛୋଟ ଛୋଟ ବହିର ଝକାଳି ପଣି ଅସିଲା — ହାତରେ ତା'ର ଓଟାଏ ବଡ଼ା ବହି — ବ୍ୟାଗରେ ଗୁଡାଏ ବହି । ବହୁତଥର ମୁଁ ତାକୁ ଏଇ ସହରରେ ଦେଖିଚି — ଗୀତ ଗାଏ ବହିଫେରି କରେ ସେ — ନିଜେ ବି ବହୁତ ଲେଖି ପାରିଥାଏ ବହି ସବୁକୁ ସେ — ସେ ଅସି ଗୋଟାଏ କଡରେ ବସିଲା, ବ୍ୟାଗଟିକୁ ତଳେ ଥୋଇ, ହାତରେ ଖଣ୍ଡାଏ ବହି ଧରି —

'ଏ ନଷ୍ଟଲୋକ, ସୀତା ହରଣ, ଏ ନଷ୍ଟଚାରୀ' — ନାରୀଟି ଡାକିଲା ଗୋଟାଏ କଣରୁ — ଲକ୍ଷ୍ମୀ ତ ଧୋଇ ଝିଭିନ୍ନ ଲୋକଙ୍କୁ ଚାହିଁ ସେ କହିଲା 'କଣ ?'

'ରଜତଦାଲି ଅଛି ?'

'ଅଛି' ସେ ବହି ବାଛି ଫିଟେଇଲା —

ଦ'ଅ ଗୋଟାଏ' — ନୀରବରେ ସେ ବହିଟା ବଢ଼ାଇ ଦେଲା ଏଥର ଓ ହଁ ଅଛି 'କେତେ ପଇସା' ବୋଲି ପଚାରି ରୁମାଲରୁ ଫିଟେଇ ଅଣାଟିଏ ବଢ଼ାଇଦେଲା — ଏଥର କାହା ଆଡକୁ ନ ଅନାଇ ସେ ବହି ଫିଟାଇ ବେଶ ବଡପାଟିରେ ଗୀତ ଗାଇବାକୁ ଲାଗିଲା — ବାଟରେ 'ଅନ୍ନପୂର୍ଣ୍ଣା ଥିଏଟର'ଟା ପଡ଼ିଗଲା — ବସ ଟପିଆସିଲା ବେଳେ, ଝରକାବାଟେ ସେ ଗୁହାଁଳି ସିଅଡ଼େ ପୁଣି ବହିରେ ମନ

ରହବନ ବଣ୍ଟେଷଣ

ନିବେଶ କଲି । ମୋର ଅତି ନିକଟବର୍ତ୍ତୀ ଓ ସମ୍ମୁଖସ୍ଥ ସିଟରେ, ସେ ବସିଥିଲା—ମୁଁ କେଜାଣି କାହିଁକି କୌତୂହଳ ବଶତଃ ଚାହିଁଲି ସେ ବହିରୁ କି ମୁହଁରୁ ବୋଲୁଛି ଓବାଳି—ଦେଖିଲି ସେ ମନରୁ ବୋଲୁଛି—ବହିଟିରେ ଯାହା ଲେଖା ହୋଇଛି ସେଥିରୁ ପଦେହେଲେ ସିଏ ଗାଉନାହିଁ—ସମ୍ଭବତଃ ସେ ପଢ଼ି ଜାଣେନା—ଏଇଟା ଯେମିତି ମୋର ଗୋଟାଏ ଅବସ୍ଥାର, ଯେମିତି ମୁଁ ସବେଇ ବାବୁଙ୍କୁ ଇଂରାଜୀରେ କହିଦେଲି ଯେ ସେ ପଢ଼ି ଜାଣେନା ବୋଲି —ହସିଲେ ସେ—ଗୋଟାଏ ବିଜୟ ଗୌରବ ହସ । ମୁଁ ପୁଣି ନୀରବରେ, ସମସ୍ତଙ୍କୁ ମୋର କୌତୂହଳ ଜଣାଇ ତା'ର ବହିପଢ଼ା ଅଡ଼କୁ ଚାହିଁଲି—ଅବଚେତନ ମନରେ ମୋର ଥିଲା ଯେ ସମସ୍ତେ ମୋଆଡ଼କୁ ଚାହାନ୍ତୁ—ମୁଁ ସଫଳତା ହୋଇଛି ନିର୍ଦ୍ୱନ୍ଦ୍ୱ ଭାବରେ । ଏଥର ଖୁଣ୍ଟିକି ଓ ଦେଖିଲି ସେ ବହିରୁ ବୋଲୁଛି—କେହି ନଜାଣିଲେ ବି ମୁଁ ନିଜେ ଜାଣିଲି ଯେ ସବୁ ପଢୁଛି ଓ ପଢ଼ି ଜାଣେ—କାହାକୁ କିଛି କହିଲି ନାହିଁ—ଅବଶ୍ୟ, ଏଇଟାର କାରଣ ମୁଁ ନିଜେ ଯାହା ପ୍ରମାଣ କରିବାକୁ ଚାହୁଁଛି ସେଇଟାକୁ ଭୁଲ ପ୍ରମାଣିତ କରିବି କେମିତି ?

ବସଟା ଏଥର ଆସି ପେଟ୍ରୋଲ ନେବାପାଇଁ ଠିଆହେଲା—ଉଠିପଡ଼ି ସେ ପଚାରିଲା "ଚଉଧୁରୀ ବଜାର ତ ହୋଇନାହିଁ"—କେହି ଉତ୍ତର ଦେଲେନି—ସେ ନିଜେ ଦେଖିଆସି ସନ୍ତୁଷ୍ଟ ହେଲା ଓ ପୁଣି ବସିଲା—ସମସ୍ତେ ତା'ର ଅଡ଼କୁ ଅନାଇ ବସିଛନ୍ତି ଦେଖିଲି—ବେଳେବେଳେ ସେ ଜଣଜଣଙ୍କ ଅଡ଼କୁ ଅନାଉଥାଏ । ସେ ଅନାଇଲାବେଳେ ଅନ୍ୟଜଣଙ୍କ ଆଖି ଫେରାଇ ନେଉଥାନ୍ତି—ମୋର

ଜଙ୍ଗଲର ମଧ୍ୟ ଅବସ୍ଥା ସବୁଠୁଁ ବେଶୀ ହୋଇଛି ବୋଲି ମୋର ଧାରଣା ।

ବସ ପୁଣି ଛାଡ଼ିଲା—ଏଥର ଆଉ ଜଣେ ପଚାରିଲା 'ହାଡ଼ୁମିଆଁ ମରିଗଲା ପରା ?'

'କାହିଁକି ତୁ ମରୁନୁ ?' ଟିଏ ଅଛି ବେଶ ସହଜଭାବରେ କହିଲା ତାକୁ ଚାହିଁ—ମୁଁ ଏଥର ସେ ଲୋକଟିକୁ ଚାହିଁଲି—ଥରେ ଚାହିଁଲେ ଧାରଣା ହେବ ଯେ ସେ ଲୋକଟି ଗୋଟିଏ ଗ୍ରେଟର ବା ବଦମାସ, ମନେପଡ଼ିଲା—ଆଉ ଜଣେ ଲୋକ ସବ୍‌ଇନ୍‌ସପେକ୍ଟର ବାବୁଙ୍କୁ ନମସ୍କାର କରି, ଆନନ୍ଦତା ପ୍ରକାଶ କରି ବସିଥିଲା—ବଡ଼ ବଡ଼ ଅତି ଉଜ୍ଜ୍ୱଳ ଲାଲ—ଆଖିଗୁଡ଼ାକ ଝଟା ଖାଗୁଆ ଥଳ ଡକ୍ତ । ଗୋଟାଏ ହୁଂଡ୍ରଜନ୍ତୁ ଭଳି—ଠିକ ବାଁ ଆଖିତଳୁ ତାର ଗାଲ ପର୍ଯ୍ୟନ୍ତ ଗୋଟାଏ କଟାଦାଗ ଲମ୍ବ ଅଛି—ଅସମ୍ଭବ ଭଳିଆର ବଡ଼ ଗାତ ହୋଇଛି ଯେଉଁଟା ଆଉ ଭୟଙ୍କର ଦେଖାଯାଉଛି—ମୁହଁ ଉପର ଦେଇ ମୁଣ୍ଡ ଉପରେ ଗୋଟାଏ ଲୁଗା ସେ ଘୋଡ଼େଇ ହୋଇଛି—ଆଉ କଣ ପଦେ ଦି'ପଦ ପଚାରିଲା ସେ ତା ପରେ ଛାଏଁ ଛାଏଁ ଚୁପ୍ ହୋଇଲା—

ଏଥର ବସ ଆସି ଚୌଧୁରୀ ବଜାର ଛକରେ ପହଞ୍ଚିଲା—ନାରୀଟି ପଢ଼ୁଥିଲା ବହି—ବ୍ଲାଉଜ ଭିତରେ ହାତ ପୁରାଇ । ଖୋଜା ଖୋଜି କରି ଟିକଟ ଖଣ୍ଡିକ କାଢ଼ି କଣ୍ଡକ୍ଟର ହାତରେ ଦେଇ, ଇଆଡ଼େ ସିଆଡ଼େ ଅନାଇଁ ଓହ୍ଲାଇଗଲା ତଳକୁ—ସମସ୍ତେ ଏଥର ସେଇଆଡ଼େ ମୁହଁ ବୁଲେଇଲେ । ବସ ତାକୁ ଛାଡ଼ି ପୁଣି ଆଗେଇ ଚାଲିଲା—ସେଇ କଥା, ତାର ବିଷୟରେ ଆଲୋଚନା କରିଲେ ପ୍ରାୟ ପ୍ରତ୍ୟେକ ଯାତ୍ରୀ—

# କାରଣ

ସେଇ ଅଦ୍ଭୁତ ଚେହେରାର...ଲୋକଟି ଏଥର [illegible] ସିଏ କୁଆଡେ ନେଇଛନ୍ତି କାହାର ବନ୍ଧିତା—ଇତ୍ୟାଦି । ଭୋଟ ଆଗରେ ଇନ୍‌ସପେକ୍ଟର ବାବୁ ଜଣକ ଓହ୍ଲାଇଗଲେ—ପରେ ପଛର ସେ ଲୋକଟି ବି ତଳକୁ ଗଲା । ଗଲାବେଳେ ସେ ମୋ ଆଡକୁ ଚାହିଁ ନାହାନ୍ତି ।

ନିଜର ଲକ୍ଷ୍ୟ ସ୍ଥାନରେ ବସ୍ ରହିଥିଲା ଏଥର—ଯାତ୍ରୀସବୁ ଜଣେ ଜଣେ କରି ଓହ୍ଲାଇଗଲେ ତାର କଥା କହୁ କହୁ ଓ ଗୋଟିଏ ଗୋଟିଏ ମନ୍ତବ୍ୟ ଦେଇ—ମୁଁ ବି ଓହ୍ଲାଇ ଆସିଲି ତାରି କଥା ଭାବି ଭାବି । ପ୍ରଥମେ ମୁଁ ଯାହାକୁ ଦେଖିଲି, ତା ଆଗରେ କହୁଚି ଏଇ ନାସ୍ତିଟିର କଥା—ନିଜର ସନ୍ଦେହ, ଅନ୍ୟମାନଙ୍କର ସନ୍ଦେହ ମିଶାଇ ପରେ ଜାଣିଲି, ଆମ ସଂଦେହ ଅପେକ୍ଷା ତା'ର ନିଜର କଥା ଗୁଡ଼ିକ ବେଶି ସତ । ଆଉ ତାକୁ ବା ସେ ସବ୍ ଇନ୍‌ସ୍ପେକ୍ଟର ବାବୁଙ୍କୁ ଦେଖି ନାହିଁ ଏ ଯାଏ । ହାଜତରେ କନୁ ଅଗଟିକୁ ଦେଖିଛୁ ଥିବେ ।

ବିଶ୍ଳେଷଣ

ସମ୍ଭାବନା

# ନୂଆ ଆଉ ପୁରୁଣା

ସୁଜାତା···ପୃଥୁଳକାୟା, ପ୍ରୌଢ଼ା, ଯୌବନହୀନା, ଲକ୍ଷ୍ୟହସ୍ତ ସୁଜାତା । ବିଗତ ଦିନର ବିଖ୍ୟାତା ସୁନ୍ଦରୀ, ମଞ୍ଚରାଣୀ ସୁଜାତା, ଅନେକ ଦିନପରେ ଆଜି ଆସିଛି ମଞ୍ଚକୁ···ଷ୍ଟେଜକୁ ? ଗୋଟାଏ କଡ଼ରେ ପଡ଼ିଥିବା ସୋଫାଟାଏ ଅଧିକାର କରି ବସିଛି ସେ । ମଞ୍ଚ ଭିତରେ କଣ ଘଟି ଯାଉଛି ବା ଯିବ ସେଥିପ୍ରତି ତା'ର ନଜର ନାହିଁ···ସେ ଭାବୁଛି ଦିନେ ସେ କଣ କରୁଥିଲା ଏଇ ମଞ୍ଚରେ, ଏଇ ଜାଗାରେ······

ସେଦିନର କାର୍ଯ୍ୟକ୍ରମ ଥିଲା ଅତ୍ୟାଧୁନିକ ଧରଣର···ବିଭିନ୍ନ ପ୍ରଦେଶର ଗାୟକ ଗାୟିକା, ନର୍ତ୍ତକୀ, ନର୍ତ୍ତକ, ଅଭିନେତ୍ରୀ ଆଦିଙ୍କର ସମାବେଶରେ ମଂଚ ସରଗରମ ହୋଇଉଠିଛି···ପ୍ରେକ୍ଷାଳୟ ଦର୍ଶକରେ କେବଳ ପରିପୂର୍ଣ୍ଣ ନୁହେଁ, ସମ୍ମୁଖଘାଟ, ବାହାରେ ଭିତରେ ସବୁଠାରେ କେବଳ ଲୋକ । ଏ ପ୍ରକାର ଭିଡ଼ ସୁଜାତା ଜୀବନରେ ଅନେକବାର ଦେଖିଛି । ସେ ଦିନ ଗୁଡ଼ାକରେ ମଞ୍ଚ ପୂର୍ଣ୍ଣ ଥାଏ କେବଳ ମଞ୍ଚରାଣୀ ସୁଜାତା ପାଇଁ···ଆଉ ଆଜି ? ଭାବିପାରିଲନି । ସୁଜାତା······

ପାଞ୍ଚଶ କ୍ୟାଣ୍ଡେଲ ପାୱାରର ବତୀର ଆଲୋକ ଜଳୁଛି ଆଉ ଲିଭୁଛି···ଗୋଟି ଗୋଟି ହୋଇ କାର୍ଯ୍ୟକ୍ରମ ସରି ଯାଉଚି—ସୁଜାତାର ପାଳି ପଡ଼ିବ ଆଉ ଦିଓଟି ନାଚ ସରିଲେ । ମନରେ କେମିତି ଶିହରଣ ଆସିଲା ସୁଜାତାର···ଦୀର୍ଘ ଦଶବର୍ଷ ପରେ ମଞ୍ଚ ଉପରକୁ

## କାରଜ

ଆସୁଛି ସେ···ସେଇ ଦର୍ଶକ ସେତେବେଳେ ଅନେକ ଦଶବର୍ଷର ପିଲା ଆଜି ଷୋଡ଼ଏ ବର୍ଷର ଯୁବକ ହୋଇ ଦର୍ଶକ ହୋଇ ଆସି-ଥିବେ···ଯୁବକ ପରିଚାଳକଙ୍କୁ ଅନାଇଲା ସୁଜାତା···ମୋଟେ ୨୧ ୨୨ ବର୍ଷ ବୟସର ଯୁବକଟିଏ···ହୁଏତ ସେତେବେଳେ, ସୁଜାତାର ଆଧିପତ୍ୟ ବେଳେ ଏ ଏତେଟିକେ ସାନ ପିଲଟି ହୋଇଥିବ, ଏବେ ସୁଜାତାକୁ ମଞ୍ଚକୁ ନିମନ୍ତ୍ରଣ କରୁଚି ଏଇ ପିଲା···କେମିତି ବିଡ଼ମ୍ବନା ଆସିଲା ସୁଜାତାର ସେଦିନ ଏକାଧାରରେ ଅଭିନେତ୍ରୀ, ଗାୟିକା, ନର୍ତ୍ତକୀ ସବୁକିଛି ସେ ଥିଲା···କିନ୍ତୁ ଆଜି ସେ···ଆଜି ସେ କେବଳ ଗାୟିକା—ଯେ କୌଣସି ଗାୟିକା ଭଳି ଗାୟିକା ଜଣେ···ମାନସ ହେବାର ବୟସ ତା'ର ବିତି ଗଲାଣି କୋଉଦିନୁ । ପୁଅ ତା'ର ପାଞ୍ଚ ବର୍ଷର ହେବ ।

ଆଉ ମାତ୍ର ଗୋଟିଏ ନାଚ ପରେ ସୁଜାତା ମଂଚ ଉପରକୁ ଆସିବ···ଲୋକେ ତାକୁ ପୁରୁଣା ଦିନଭଳି ଚାହିଁ ରହିବେ ତ ? ଖୁସି ହେବେ ତ ? ଲୋକେ ଉତ୍ସୁକ ହୋଇ ସୁଜାତାର ଗୀତ ପାଇଁ ଚାହିଁ ଥିବେ ବୋଧେ······ଟିକେ କଣେଇ କଣେଇ ଚାହିଁଲା ସେ ମଞ୍ଚସାରା···ଅନେକ ତରୁଣୀ; ବାଳିକା ବୃନ୍ଦ ହୋଇଚନ୍ତି । ସମସ୍ତଙ୍କର କାର୍ଯ୍ୟକ୍ରମ ଅଛି । ଗୋଟାଏ ଗୀତର ସ୍ୱରକୁ ମନେ ମନେ ଗୁରେଇ ତୁରେଇ ଗାଇ ଗଲା ସୁଜାତା—

ପରିଚାଳକ ଆସି କହିଗଲେ ଯାପରେ ଆପଣଙ୍କର ସୁଜାତା ଦେବୀ ରେଡ଼ି···ଗୋଟିଏ ଚମତ୍କାର ଗୀତ ଗାଇବେ କିନ୍ତୁ···ସେଇ ଫେମସ୍ ଗୀତଟା ଆପଣଙ୍କର ।" ଗୋଟାଏ ଅଜଣା ପୁଲକ ଖେଳି-

ଗଲା ସୁଜାତା ଦେହରେ···ସେ ବିଖ୍ୟାତ ଏବେବି—ଏବେବି ତା'ର କଥା ଲୋକେ ଭୁଲି ନାହାନ୍ତି···ତା ହେଲେ ?

ଉଦ୍‌ଘୋଷକ, ମାଇକ୍ ଦ୍ୱାରା ଘୋଷଣା କଲା, ବିଖ୍ୟାତ କଣ୍ଠ ଶିଳ୍ପୀ ସୁଜାତା ଦେବୀଙ୍କର ପଲ୍ଲୀଗୀତ ମାତ୍ର ଗୋଟିଏ ନୃତ୍ୟ ପରେ ଶୁଣିବେ ଆପଣମାନେ—ବର୍ତ୍ତମାନ କୁମାରୀ ଅଭ୍ରାଙ୍କର ଗୋଟିଏ ଓଡ଼ିଶୀ ନୃତ୍ୟ—

ପରଦା ଉଠିଲା—ସତର ଅଠର ବର୍ଷର ଯୁବତୀକୁ ଅଭିନନ୍ଦନ ଜଣାଇ ପରଗ୍ଲଲକ ଝୁଞ୍ଜିଲେ—ହସି ହସି ସେ ମଂଚ ଉପରକୁ ଚାଲିଗଲା । କେମିତି ଗୋଟାଏ ଅଜଣା ଭୋକ ଆସିଲା ସୁଜାତା ମନରେ—ସ୍ମୃତି ତା'ର କେବେ ନ ହେଉଥିବା ଦଲ୍‌ଦଲ୍ ଦେଇ ଉଠିଲା । ସେ ଭଳି ପାରିବ ଏ ମଂଚକୁ ? ପୁଣି ପ୍ରକୃତିସ୍ଥା ହେଲା ସୁଜାତା······

ଓଡ଼ିଶୀ ଗୀତର ସୁରର ତାଳେ ତାଳେ ଚପଳ ତରୁଣୀର ପାଦ ଦୁଇଟି ମୁଖର ହୋଇ ଉଠିଛି···ଅଭିମାନିନୀ ରାଧାଙ୍କ ମୁଖ-ଭଙ୍ଗୀ ସହ କଟାକ୍ଷ ନିକ୍ଷେପ ସେ କରୁଛି ମଂଚ ଉପରକୁ । ଅଜାଣତରେ ପାଦ ତାଳଦେଇ ଉଠିଲା ସୁଜାତାର—ହଠାତ୍ ଦର୍ଶକ ମହଲର ତାଳି ମାଡ଼ର ଶବ୍ଦରେ ନିଜ ମଧ୍ୟକୁ ଫେରି ଆସିଲା ସୁଜାତା । ଏଭଳି ନାଚ ପରେ ତା' ଗୀତ ଜମିବତ? ଉଃ, ଠିକେ ଖରାପ ହେବ ଯାଉନି ଯା' ନାଚ ! ଆଭ୍ରା କିନ୍ତୁ ନାଚି ନାଚି ଦର୍ଶକଙ୍କର ସବୁ ପ୍ରଶଂସା ପାଇ ଫେରି ଆସିଲା ହସି ହସି । ପ୍ରୋଗ୍ରାମ ତା'ର ସବୁଠୁଁ କୁଆଡେ ଭଲ ହେଲା—ସୁଜାତା ବି ଦିନେ ଏଇଆ ଶୁଣିଥିଲା—ଏମିତି ନାଚୁଥିଲା ଦେବଦାସୀ ଭୂମିକାରେ, ଯା'ଠୁଁ ଢେର ଭଲ···

ଏବେ କିନ୍ତୁ, ସେ ପୁଅୁଳା ହୋଇ ଗଲାଣି···ଭାଲ ବି ଭୁଲି ଗଲାଣି ସବୁ···ନାଚିବାକୁ କେବେ ଚେଷ୍ଟା ମଧ୍ୟ ସେ କରିନି—

ଏଥର ସୁଜାତାର ପାଳି—ମଂଚ ଉପରେ ବସିଲା ସୁଜାତା, ତବଲଚି ଓ ସାରଙ୍ଗୀ ବାଦକଙ୍କ ମଝିରେ ହାରମୋନିୟମ ଧରି— ଅଜଣା ଦୃଢ଼ତା ତା' ମନରେ ଆସି ଯାଇଚି—ସେ ଦୁର୍ଦ୍ଦମମୟୀ, ଦର୍ଶକମାନେ ଭଲ କହୁଚାକୁ ବାଧ୍ୟ ତା' ଗୀତକୁ । ସୁରଧର ପଲ୍ଲୀ ଗୀତ ଗାଇବାକୁ ଆରମ୍ଭ କଲା ସୁଜାତା···ସାରଙ୍ଗୀ ଓ ତାବଲା ବାଜି ଉଠିଲା ଗୀତ ସଙ୍ଗେ ସଙ୍ଗେ—କି ଦୁର୍ଯୋଗ, ହଠାତ୍ ସମସ୍ତ ବତୀ ଲିଭିଗଲା ମଂଚ ଉପରୁ । ପ୍ରେକ୍ଷାଗୃହ ଭିତରୁ ପାଟି ଗୋଳ ଭିତରେ କର୍ମକର୍ତ୍ତାମାନେ ମହମ ନେଇ ଘୁରିଆସୁଥାଆନ୍ତି ଥାଇଲେ— ଦଶ ମିନଟ ଅପେକ୍ଷା କଲେ—ଲାଇଟ ଲାଗିଲା ନାହିଁ । ଗୋଟାଏ ଚୁଙ୍ଗି ଧରି ଉଦ୍‌ଘୋଷକ ପରଦା ପାଖେ କହିଲେ—ଅନିବାର୍ଯ୍ୟ କାରଣ ବଶତଃ ଲାଇଟ ଖରାପ ହୋଇଛି—ମେକାନିକ୍ ମାନେ ଲାଗିପଡ଼ିଛନ୍ତି ସଜାଡ଼ିବା ପାଇଁ ଖୁବ ଅଳ୍ପ ସମୟ ଭିତରେ ଲାଇଟ ମରାମତ ହୋଇଯିବ, କିନ୍ତୁ ଆମେ ଆମର କାର୍ଯ୍ୟକ୍ରମ ଚଳାଉଛୁ—

ପରଦା ପୁଣି ଉଠିଲା । ମହମ ବତୀ ଗୁଡ଼ିକରେ ୫୦୦ ପାୱାରର ଆଲୁଅ ନମିଳିଲେ ବି ମଞ୍ଚ ଦେଖା ଯାଉଥିଲା ପରିଷ୍କାର ଭାବରେ । ଗୀତ ଗାଉ ଗାଉ ସୁଜାତା ଭାବୁଥିଲା, କିନ୍ତୁ ଆଜିର ଏ ରୂପସଜ୍ଜାର କଥା ଏ ମହମ ଆଲୁଅରେ କିଛି ଦେଖା ଯାଉନଥିବ, ବରଂ ଗାଲର କଳାକଳା ଦାଗ ସ୍ପଷ୍ଟ ହୋଇ ଦେଖା ଯାଉଥିବ ।

ଲାଇଟ୍ ଲାଗିଲା ଗୋଟିଏ ଗୀତ ପରେ । ସୁଜାତାର ଗାଇବାକୁ ଥିଲା ମାତ୍ର ଗୋଟିଏ ଗୀତ । ଲାଇଟ୍ ଭିତରେ କଣ ହେଲା କେଜାଣି,

ପାଗଳୀଙ୍କ ଭଳି ଗୋଟାକ ପରେ ଗୋଟାଏ ଗୀତ ଗାଇ ଚାଲିଲା ସୁଜାତା—ଗୃହ୍ଵଟା ଗୀତପରେ ହଠାତ୍ ତାଳି ହେଲା ଦର୍ଶକମାନଙ୍କ ମଧ୍ୟରୁ—ସୁଜାତା ଭାବିଲା, ଦର୍ଶକ ତା'ର ଯେଉଁଭଳି ଭକ୍ତ—ସେମାନେ ଭୁଲିନାହାନ୍ତି ସୁଜାତାକୁ ···ମଞ୍ଚମାନ୍ତ୍ରା ବାଧ୍ୟହୋଇ ପରଦା ଟାଣିବାକୁ ନିର୍ଦ୍ଦେଶ ଦେଲେ—ଉଠି ଆସିଲା ସୁଜାତା···

ଚଉଦଦିନ କାର୍ଯ୍ୟକ୍ରମ ଭିତରେ ପ୍ରତ୍ୟେକଦିନ ସୁଜାତା ସ୍ଥାନ ପାଇଛି—ସବୁଦିନେ ଦସ ଗାଇଛି ଆଉ ସେଇ ଆସରର ନାଚ ପରେ ପରେ ସେ ଗାଇଛି । କେମିତି ଗୋଟାଏ ସ୍ୱର ଆଉ ଦୁଣା ତା'ର ଆଖି ଫୁଟି ଆସି ଯାଇଛି ।

ସୁଜାତା ଭାବୁଛି ବସି—ପଞ୍ଚମ ଦିନ ଶେଷ ରାତିରେ ଅଭିନୟ—ସବୁ ଗୁଡ଼ିକ ପ୍ରାୟ ଚମତ୍କାର । ସବୁଠାରୁ ବିଶେଷ ଆକର୍ଷଣ ନାଟକ । ପୁରୁଣା ଏକ ନାଟକର ନାମାନ୍ତର ହୋଇ ପ୍ରଦର୍ଶିତ ହେବ ଆଜି, ପୁରୁଣା ନାଟକର ପ୍ରଧାନ ଅଭିନେତ୍ରୀ ଥିଲା ସୁଜାତା···ଅଭିନୟ ସ୍ଥାନ ଥିଲା ଏଇଠା, ଯଦିଓ ଏ ମଞ୍ଚ ନୁହେଁ—ଏଇ ଜାଗାରେ ସେତେବେଳେ ଥିଲା 'କଳିଙ୍ଗ ନାଟ୍ୟମଞ୍ଚ'—ସୁଜାତା ତାର ଅଭିନେତ୍ରୀ ଥିଲା—ଶ୍ରେଷ୍ଠ ଓ ବିଖ୍ୟାତ ଥିଲା ସାରା ପ୍ରଦେଶରେ ଏଇ ସୁଜାତା—ଦୀର୍ଘ ଦୁଇମାସ ଧରି ଏଇଠି ଅଭିନୟ କରିଛି । ଏ ମଂଚ ଆଧୁନିକ ଧରଣର, ଆଧୁନିକ ସରଞ୍ଜାମ ନେଇ ତିଆରି—ସେ ମଂଚଥିଲା ମାଟିରେ କିନ୍ତୁ ବିଖ୍ୟାତ ଥିଲା । ସେ ପଟୁଆ କୁଲି କରିଥିଲା ମଂଚଟା···ପୁରୁଣା ଦିନର କଥା ଭାବି ଚାଲିଲା ସୁଜାତା···ସବୁ ସମାନ କେବଳ ନାୟକ ନାୟିକା, ଅଭିନେତ୍ରୀ ଅଲଗା—ସମସ୍ତେ ନୂଆ, ପୁରୁଣା ଜଣେ ବୁଢା ଅଭିନେତା ସେଇ ବୁଢା ଚରିତ୍ରରେ

# ଜାରଜ

ଅଭିନୟ କରୁଛନ୍ତି ଏଥରକ ମଧ୍ୟ—ଅଭିନେତ୍ରୀକୁ ଅପେକ୍ଷା କଲା ସୁଜାତା……

ସେଇ ତରୁଣୀ…ଆଉ ହିଁ ଏ ନାଟକର ଅଭିନେତ୍ରୀ—ଗୋଟାଏ ଘୁଷି ମାରିବାକୁ ଇଚ୍ଛା ହେଲା ସୁଜାତାର ।

ଅଭିନୟ ଗଡ଼ି ଚାଲିଲା ଦର୍ଶକଙ୍କର କଳରୋଳ ଭିତରେ ଦେଇ । ଆଉ ଗୋଟାଏ ଦୃଶ୍ୟରେ ଶୋଭାଯାତ୍ରା ଲିଡ୍ କରି ଗୀତ ଗାଇ ଯିବାର ଥିଲା । ସୁଜାତା ଏଇ ପତାକା ଧରୁଥିଲା…ହଁ ସେ ପତାକାଟିରେ ଅରଟ ଥିଲା । ଏଥିରେ ତ ଦାଆ ହାତୁଡ଼ି । ଅନେକ ବଦଳିଚି—ନାୟକ ଖଦଡ଼ ପିନ୍ଧୁନି ଧଳା ଜାମା ପିନ୍ଧୁଚି…କିନ୍ତୁ କଥା ଏକା…ଦେଶଟା କଣ ଏଇଆ ଅଛି ?

କିଛି ଭାବି ପାରିଲାନି ସୁଜାତା ! ପ୍ରେମ ସିନ୍ ଗୁଡ଼ାକରେ ଆଜିର ଅଭିନୟ କେମିତି ନୂଆ ନୂଆ ଲାଗିଲା । ସୁଜାତା କେବଳ ଝିଅଟି ହୋଇ ପ୍ରେମ ଫାଶରେ ଧରାଦେଇ ଜାଣିଥିଲା । କିନ୍ତୁ ଆଭା ନୂଆ ଦେଶର ଝିଅ, ଦେଖିଲା ଗୋଟାଏ ଦୃଢ଼ତା, ଗୋଟାଏ ଦାମ୍ଭିକତା ଆଭା ଚରିତ୍ରରେ ଅଛି ଯାହା ତା'ର ନଥିଲା । ଆଭା ଭଲ କରୁଚି…

ଅଭିନୟ ଭିତରେ ମଜ୍ଜି ଯାଇ ଭାବିଲା ସୁଜାତା, ପୁଣି ପର ମୁହୂର୍ତ୍ତରେ ସେ ସଂଭାଳି ନେଇ ଢଣା କରିବାକୁ ଚେଷ୍ଟା କଲା…

ମଂଚ ଭିତରେ କେହି ତା' ଆଡ଼କୁ ଚାହୁଁ ନାହାନ୍ତି । ସମସ୍ତେ ଆଭାକୁ ଶୁଭାଭିଳାଷ, ଅଭ୍ୟର୍ଥନା ଜଣାଇବାରେ ବ୍ୟସ୍ତ ଅଛନ୍ତି । କେହି ଟିକେ ପଚାରୁ ନାହାନ୍ତି କେମିତି ଲାଗିଲା…ଢ ଦମାସ ଧରି

ଅଭିନୟର ଅଭିଜ୍ଞତା କଣ ବୃଥା ?

ବଗରେ ଉଠି ଅସିଲା ସୁଜାତା । ହଠାତ୍ ଅଭା ସାମନା ସାମନି ହୋଇଗଲା ତା'ର । ହସି ନମସ୍କାର କରି ପଚାରିଲା ଅଭା, 'କେମିତି ଲାଗିଲା ସୁଜାତାଦେବୀ ? ଭଲ ଲାଗୁ ନଥିବ । ରିହର-ସାଲରେ କିନ୍ତୁ ଭଲ ହେଉଥିଲା । ଫାଷ୍ଟ ନାଇଟ୍ ନାଁ…ଅନେକ ଟେଣ୍ଡର ହିଟ୍ ଦେଇ ହେଉନି…ଇତ୍ୟାଦି, ନିର୍ବାକ୍ ହୋଇ ଚାହିଁଥାଏ ସୁଜାତା ଏଇ ନୂଆ ଝିଅଟିର ମୁହଁକୁ । ସୁନ୍ଦର, ଯୌବନ ଢଳଢଳ । ପୁରୁଣା ସୁଜାତାର ସତେକି ନୂଆ ରୂପ । ଏମିତି ସେ ବି ପଚାରୁଥିଲା ସଭିଁଙ୍କୁ ତାଠୁଁ ପୁରୁଣାଙ୍କୁ । ଆଜି ସେ ଶୁଣୁଛି ଆଉ ର ଟିକ୍ ସେହି ପୁରୁଣା କଥା କହୁଲା ଗୋଟାଏ ମୋହରେ, 'ମୋଠୁଁ ଢେର ଭଲ କରୁଛୁ ଲୋ, ଖୁବ୍ ସୁନ୍ଦର ହୋଇଛି, ମୋତେତ ନୂଆ ନାଟକ ଭଳି ଲାଗୁଛି ।'

'ଯାଉଚନ୍ତି ବାହାର ?'

ସତ କହିପାରିଲାନି ସୁଜାତା କହିଲା 'ନାଁ', କିନ୍ତୁ ରହି ପାରିଲାନି ସେ…ପୁରୁଣାକୁ ପୁରୁଣା ହେବାକୁ ପଡିବ ଏ ନୂତନର ଯୁଗ…ମଂଚରୁ ସମସ୍ତଙ୍କ ଅଗୋଚରରେ ବାହାରି ଗଲା ସୁଜାତା ।

ସମାପ୍ତ

ମୁଦ୍ରାକର—ଶ୍ରୀ ରବୀନ୍ଦ୍ରନାଥ ପଟ୍ଟନାୟକ, ଅରୁଣପ୍ରେସ; କଟକ-୨
୧୯୫୮